## ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ କଳାବ୍ୟାଜ୍ ପରିଧାନ

# କଲମଛାଡ଼ ଆନ୍ଦୋଳନ ଚେତାବନୀ

**ବାରିପଦା, ୨୫ ।୧(ସମିସ):**

ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାରଠାରୁ କଳାବ୍ୟାଜ୍ ପରିଧାନ ପୂର୍ବକ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ଜିଲ୍ଲାବ୍ୟାପୀ ଏହା ଚାଲିଥିବାବେଳେ ବାରିପଦା ରାଜସ୍ୱ ବିଭାଗ କାର୍ଯ୍ୟାଳୟରେ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି ଶାନ୍ତିପୂର୍ଣ୍ଣଭାବେ କାମ କରୁଛନ୍ତି। ଦାବି ନେଇ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗୁରୁବାର ଠାରୁ କଳା ବ୍ୟାଜ ପରିଧାନ କରିଛନ୍ତି। ଦାବି ପୂରଣ ପାଇଁ ୧୦ ଦିନ ସମୟ ଦିଆଯାଇଛି। ସେହି ସମୟ ମଧ୍ୟରେ ଦାବି ପ୍ରତି ସରକାର କୌଣସି ଦୃଷ୍ଟି ନ ଦେଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଅନୁସାରେ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଦାବି ଅନୁଯାୟୀ, କ୍ୟାଡ଼ର ପୁନର୍ବିନ୍ୟାସ, ରାଜସ୍ୱ ପରିଷଦକୁ



କାର୍ଯ୍ୟକାରୀ କରାଯାଇ ୧୦ଟି ରାଜସ୍ୱ ମୌଜା ପାଇଁ ଗୋଟିଏ ରାଜସ୍ୱ ନିରୀକ୍ଷକ ମଣ୍ଡଳ ଅନୁପାତରେ ନୂତନ ରାଜସ୍ୱ ନିରୀକ୍ଷକ ମଣ୍ଡଳ ସୃଷ୍ଟି କରିବା, ଓଡ଼ିଶା ରାଜସ୍ୱ ସେବାରେ ପଦୋନ୍ନତି ପାଇବାକୁ ଯୋଗ୍ୟ ସେମାନଙ୍କ ଗ୍ରେଡେସନ ତାଲିକା ପ୍ରାପ୍ୟ ଅନୁଯାୟୀ ପ୍ରାଥମିକତା ପ୍ରଦାନ, ସହକାରୀ ରାଜସ୍ୱ ନିରୀକ୍ଷକ ଓ ଅମିନଙ୍କର ସାଧାରଣ ଗ୍ରେଡେସନ ତାଲିକା ପ୍ରାପ୍ୟ ସ୍ତରକୁ ପ୍ରାଥମିକତା ଦିଆଯାଇ ବରିଷ୍ଠତା ଭିତ୍ତିରେ ପ୍ରକାଶ କରିବା, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ନିଯୁକ୍ତି ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଅନୁଯାୟୀ ସମ୍ପୂର୍ଣ୍ଣ କରିବା, ୫ ବର୍ଷ ସମ୍ପୂର୍ଣ୍ଣ କରିଥିବା ସହକାରୀ ରାଜସ୍ୱ ନିରୀକ୍ଷକଙ୍କୁ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ପଦ ସୃଷ୍ଟି କରାଯାଇ ସ୍ୱତଃ ପଦୋନ୍ନତି କରିବା, କର୍ତ୍ତବ୍ୟ ତାଲିକାରେ ଆବଶ୍ୟକ ସଂଶୋଧନ କରାଯାଇ ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ଦସ୍ତଖତ ଓ ମୋହରର ମର୍ଯ୍ୟାଦା ବୃଦ୍ଧି କରିବା, ପଦୋନ୍ନତି ନିମନ୍ତେ ପ୍ରଦର୍ଶନ ମୂଲ୍ୟାଙ୍କନ ରିପୋର୍ଟରେ ଉଲ୍ଲେଖନୀୟ ବ୍ୟବସ୍ଥା ସମାପ୍ତ କରିବା ଆଦି ରହିଛି। ଏନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରତିବାଦରେ ଜିଲ୍ଲା ସଂଘର ସଭାପତି ପଙ୍କଜ କୁମାର ନାଥ, ଉପ ସଭାପତି ସୁଶାନ୍ତ କୁମାର ପାତ୍ର, ସମ୍ପାଦକ ବିଭୀଷଣ ସାହୁ, ସହ ସମ୍ପାଦକ ଭାଗ୍ୟଶ୍ରୀ ଦାସ, କାର୍ଯ୍ୟାଳୟ ସମ୍ପାଦକ ଅମିତ କୁମାର ନାୟକ, ସହକାରୀ ସମ୍ପାଦକ କିସନ କୁମାର ବାରିକ, ଅଡିଟର ଯାଜ୍ଞସେନି ମହାନ୍ତ, ଉପଦେଷ୍ଟା ମମତା ଗିରି, ରାଜକିଶୋର ହେମ୍ବ୍ରମ ଏବଂ ଅନ୍ୟାନ୍ୟ ଜିଲ୍ଲା ସଂଘର କର୍ମକର୍ତ୍ତା ଯୋଗ ଦେଇଛନ୍ତି।

# ବର୍ଷା ଓ କୁହୁଡ଼ି ପାଇଁ ଗୁରୁବାର ଶିମିଳିପାଳ ବନ୍ଦ

**ବାରିପଦା, ୨୫ ।୧(ସମିସ):** ବର୍ଷା ଓ କୁହୁଡି ପାଇଁ ଗୁରୁବାର ଶିମିଳିପାଳ ଅଭୟାରଣ୍ୟ ଦିନକ ପାଇଁ ପର୍ଯ୍ୟଟକଙ୍କ ନିମନ୍ତେ ବନ୍ଦ ରହିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ସୂଚନା ଅନୁସାରେ ବୁଧବାରଠାରୁ ବର୍ଷା ଲାଗି ରହିଥିବାରୁ ଗୁରୁବାର ଭୋରୁ ବର୍ଷା କିଛି ପରିମାଣରେ ବୃଦ୍ଧି ପାଇଥିଲା। ଏଥିସହିତ ସକାଳୁ ଘନ କୁହୁଡି ପରିଲକ୍ଷିତ ହୋଇଥିଲା। ତେଣୁ ପାହାଡିଆ ରାସ୍ତାରେ ବିପଦପୂର୍ଣ୍ଣ ଭାବେ ପର୍ଯ୍ୟଟକଙ୍କ ଚଳପ୍ରଚଳକୁ ଦୃଷ୍ଟିରେ ରଖି ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ତେବେ ରାତ୍ରି ରହଣି ପାଇଁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଖୋଲା ରହିଛି। ତେବେ କୁହୁଡି ଓ ବର୍ଷାର ପରବର୍ତ୍ତୀ ସ୍ଥିତିକୁ ନେଇ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଲଘୁଚାପ ପ୍ରଭାବରେ ଶିମିଳିପାଳରେ ରେକର୍ଡ ସଂଖ୍ୟକ ବୃଷ୍ଟିପାତ ହୋଇଛି। ଗୁରୁବାର ସକାଳ ସୁଦ୍ଧା ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ଅଞ୍ଚଳରେ ବୃଷ୍ଟିପାତ ନେଇ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ରିପୋର୍ଟ ଅନୁଯାୟୀ, ରାମତୀର୍ଥରେ ସର୍ବାଧିକ ୩୪.୫୪୫ମିମି, ବରେହିପାଣିରେ ୨୫.୧୪୬ମିମି ବୃଷ୍ଟିପାତ ରେକର୍ଡ ହୋଇଛି। ସେହିପରି ନୱଣାରେ ୧୭.୩ମିମି, ଚହଲା ୧୭.୪ମିମି, ଠାକୁରମୁଣ୍ଡାରେ ୩.୮୧ମିମି, କେନ୍ଦୁମୁଣ୍ଡି ୨୦.୩୨ମିମି ଏବଂ ସାତକୋଶିଆରେ ୧୯.୯ ମିଲିମିଟରର ବର୍ଷା ରେକର୍ଡ ହୋଇଛି। ଶିମିଳିପାଳ ଅଭୟାରଣ୍ୟରେ ଏହି ବୃଷ୍ଟିପାତ ଯୋଗୁଁ ଜଙ୍ଗଲ ମଧ୍ୟରେ ଥିବା ଜଳାଶୟ ଏବଂ ପ୍ରବାହିତ ହେଉଥିବା ନଦୀର ଜଳସ୍ତର କିଛି ପରିମାଣରେ ବୃଦ୍ଧି ପାଇଛି।

● ଦ୍ୱାରଶୁଣୀ ଘାଟିରେ ଯାତ୍ରାପାର୍ଟି ଟ୍ରକ୍ ଓଲଟିବା ଘଟଣା

# ମୃତକଙ୍କ ପରିବାରକୁ ଭେଟିଲା ଯାତ୍ରା କଳାକାର ସଂଘ

## ସହାୟତା ଦେଲେ ରାଣୀ ପଣ୍ଡା ଓ ସମ୍ପାଦକ ଆର.କେ. ହୀରାଲାଲ୍

**ବାରିପଦା, ୨୫ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦ୍ୱାରଶୁଣୀ ଘାଟିରେ ବୁଧବାର ୪୯ନଂ. ଜାତୀୟ ରାଜପଥରେ ଘଟିଥିବା ସଡ଼କ ଦୁର୍ଘଟଣାରେ ସମସ୍ତ ମୃତାହତଙ୍କ ପରିଚୟ ମିଳିଛି। ଏ ନେଇ ଗୁରୁବାର ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ମୃତକମାନେ ହେଲେ କଟକ ଜିଲ୍ଲାର ନେମାଳ ଥାନା ଅନ୍ତର୍ଗତ ଯାମରା ଗାଁର ପୁରୁଷୋତ୍ତମ ମଲ୍ଲିକଙ୍କ ପୁଅ ଅଶୋକ ମଲ୍ଲିକ, ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ଥାନ ଅନ୍ତର୍ଗତ ଭୁରୁଡୁବଣି ଗାଁର ରାମଚନ୍ଦ୍ର ମାରାଣ୍ଡିଙ୍କ ପୁଅ ଝାଡେଶ୍ୱର ମାରାଣ୍ଡି ଓ ଗୁରୁବା ମୁର୍ମୁଙ୍କ ପୁଅ ମଠ ମୁର୍ମୁ, କେନ୍ଦୁଝର ଜିଲ୍ଲା ପଣ୍ଡପଦା ଥାନା ଅନ୍ତର୍ଗତ ନିଶ୍ଚିତପୁର ଗାଁର ଯଦୁମଣି ଦେହୁରୀଙ୍କ ପୁଅ ରାଇଟର ଦେହୁରୀ, ଯାଜପୁର ଜିଲ୍ଲା ସୁକିନ୍ଦା ଅଞ୍ଚଳର ଧ୍ରୁବ ପଲେଇଙ୍କ ପୁଅ ମାଧବ ପଲେଇ, କଟକ ଜିଲ୍ଲାର ଜଗତପୁର ଅଞ୍ଚଳର ପ୍ରଫୁଲ୍ଲ ଜେନାଙ୍କ ପୁଅ ଦିଲ୍ଲୀପ କୁମାର ଜେନା। ଗୁରୁତର ରୁକଚାନ୍ଦ ମାରାଣ୍ଡି ଓ ଚାକୁ ମାରଣ୍ଡିଙ୍କୁ କଟକ ସ୍ଥିତ ଏସସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।



ବର୍ତ୍ତମାନ ୫ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷେ ଯାତ୍ରା କଳାକାର ସଂଘ ବାରିପଦା ପିଆରଏମ ହସ୍ପିଟାଲରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଯାତ୍ରା କଳାକାର ରାଣୀ ପଣ୍ଡା ଓ ସଂଘ ସମ୍ପାଦକ ଆର. କେ ହୀରାଲାଲ ମୃତକଙ୍କ ପରିବାରକୁ ୧୦ହଜାର ଲେଖାଏଁ ଓ ଆହତଙ୍କୁ ୫ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି।

## ନୁଦଡିହା ଜଗନ୍ନାଥ ମନ୍ଦିରରେ ପୁଷ୍ୟାଭିଷେକ

**ପିଙ୍ଗୁ, ୨୫।୧(ସମିସ):** ଗୁରୁବାର ସକାଳେ ନୁଦଡ଼ିହାସ୍ଥିତ ମହାପ୍ରଭୁ ଜଗନ୍ନାଥଙ୍କ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହୋଇଥିଲା। ସକାଳେ ମହାପ୍ରଭୁଙ୍କର ରୀତିନୀତି ଅନୁସାରେ ଦ୍ୱାରପାଳ ପୂଜା ଓ ସୂର୍ଯ୍ୟନାରାୟଣଙ୍କ ପୂଜା କରାଯାଇଥିଲା। ପରେ ମହାପ୍ରଭୁଙ୍କର ପୁଷ୍ୟା ଅଭିଷେକ ତିନି ଠାକୁରଙ୍କୁ ଅଭିଷେକ କରାଯାଇଥିଲା। ପ୍ରଥମେ ବଡ଼ଭାଇ ବଳରାମଙ୍କୁ ଅଭିଷେକ କରି ପରେ ମା’ କାମ୍ପଲ୍ୟବାସିନି ଶୁଭଦ୍ରାଙ୍କୁ ଅଭିଷେକ କରାଗଲା ଏବଂ



ପରେ ମହାପ୍ରଭୁ ଜଗନ୍ନାଥଙ୍କୁ ଅଭିଷେକ କରାଯାଇ ଉପଚାରଜନୀୟ ପୂଜା ଆରମ୍ଭ କରାଯାଇଥିଲା। ମହାପ୍ରଭୁଙ୍କ ନୂତନ ବସ୍ତ୍ର ପରିଧାନ କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଆଖପାଖ ଗ୍ରାମରୁ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ପୁଷ୍ୟାଭିଷେକ ଦେଖିବା ପାଇଁ ଭିଡ଼ ଜମାଇଥିଲେ। ପରେ ପୂର୍ଣ୍ଣାହୁତି ସରିବା ପରେ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ମହାପ୍ରସାଦ ସେବନ କରିଥିଲେ। ଏଥିରେ ଉପଦେଷ୍ଟା ସୁଧାଂଶୁ କୁମାର ଦାସ, ସର୍ବେଶ୍ୱର ରାଉତ, ରବିନାରାୟଣ ନାୟକ, ଅନ୍ତର୍ଯ୍ୟାମୀ ବେହେରା, ଦିବାକର ନାୟକ, କାର୍ତ୍ତିକ ଚନ୍ଦ୍ର ନାୟକ, ମାନଓ ରଞ୍ଜନ ସାହୁ, ମାନଗୋବିନ୍ଦ ବେହେରା, ଜଗନ୍ନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଓଡ଼ିଆ ଭାଷା ସାହିତ୍ୟ ଓ ସୃଜନଶୀଳତା ମହୋତ୍ସବ

**କପ୍ତିପଦା, ୨୫।୧(ସମିସ):** ଶୃଜନଶିଳତା ହିଁ ମଣିଷକୁ ବିଶ୍ୱ ବନ୍ଦିତ କରିଥାଏ। ଏଭଳି ଏକ ପ୍ରୟାସକୁ ନେଇ ମାଙ୍କଡପଡ଼ା ପଞ୍ଚାୟତ ଅନ୍ତର୍ଗତ ଫକୀରମୋହନ ଉଚ୍ଚବିଦ୍ୟାଳୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳତାର ମହୋତ୍ସବ ପ୍ରଧାନଶିକ୍ଷକ ଭାସ୍କର ମହଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ଘନଶ୍ୟାମସିଂ, ମୁଖ୍ୟବକ୍ତା ଭାବେ ବ୍ଲକର ଅନ୍ୟତମ ଶିକ୍ଷାଧିକାରୀ ଅକ୍ଷୟ କୁମାର ବେହେରା, ବିଶିଷ୍ଟ ଅତିଥି ରୂପେ ସରପଞ୍ଚ୍ କ୍ଷେତ୍ରମୋହନ ଟୁଡୁ, ସମ୍ମାନିତ ଅତିଥି ଭାବେ ପରାଶବଣି ଗ୍ରାମର ୱାର୍ଡସଭ୍ୟ ପୁରଷତ୍ତୋମ ପାତ୍ର



ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ‘ମୋକଥା କାହାଣୀ’ ପୁସ୍ତକ ରଚନା ସହିତ ବ୍ଲକର ବିଭିନ୍ନ ପ୍ରକାର ପ୍ରକଳ୍ପର ତିଆରି ପାଇଁ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ନିଜର ଭବିଷ୍ୟତ ତିଆରି ପାଇଁ ଆହ୍ୱାନ ଦେଇଥିଲେ। ବିଭିନ୍ନ ବ୍ଲକରୁ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସୃଜନିବ୍ଲକରୁ ସୋନାକ୍ଷୀ ପୃଷ୍ଟି, ଜିଜ୍ଞାସା କ୍ଲବରୁ ବିଦ୍ୟାଭାରତୀ ପୃଷ୍ଟି, କୌଶଳୀ କ୍ଲବରୁ ସତ୍ୟଜିତ ହାତୀ ଓ କ୍ରିଡାଙ୍ଗନା କ୍ଲବରୁ ଲକ୍ଷ୍ମୀପ୍ରିୟା ହାଁସଦାଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ନାରାୟଣ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଶରତ ଚନ୍ଦ୍ର ନାୟକ, ଅନନ୍ତ ଚରଣ ପାତ୍ର, ଅଭିମନ୍ୟୁ ସାହୁ ପ୍ରମୁଖ ଉପସ୍ଥିତକ ଥିଲେ। ଶିକ୍ଷକ ଦେବେନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶରତ କଲେଜରେ ଜାତୀୟ ଭୋଟର ଦିବସ

**କପ୍ତିପଦା, ୨୫।୧(ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୪ତମ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଉକ୍ତ ସଚେତନତା ଦିବସରେ ଆୟୋଜିତ ସଭାର ସଭାପତି ଅଧ୍ୟକ୍ଷ ଡ. ଭଗବାନ ପଣ୍ଡା ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷର ଉତ୍ତମ ନାଗରିକର ଦେଶପ୍ରୀତି ଭାବନା ଓ ତାର ଉତ୍ତମ ବିଚାର ଉପରେ ଦେଶର ଭବିଷ୍ୟତ ନିର୍ଭର କରେ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷା ବିଭାଗର ଅଧ୍ୟାପକ ସୀତକଣ୍ଠ ଦାସ ଓ ଇଂରାଜୀ ବିଭାଗର ଅଧ୍ୟାପକ ମନୋରଞ୍ଜନ ବିହାରୀ ଗଣତାନ୍ତ୍ରିକ ରାଷ୍ଟ୍ରରେ ସୁସ୍ଥ ସମାଜ ଗଠନରେ ଜଣେ ଉତ୍ତମ ନାଗରିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ପାଠାଗାର



ଅଧିକାରୀ ପ୍ରଦୀପ କୁମାର ଦଳେଇ, ଖେଳ ଶିକ୍ଷକ ଶରତ ପରିଡ଼ା ଓ ଶିକ୍ଷା ବିଭାଗର ଶିକ୍ଷାଦାନ ପଦର୍ଶକ ବିଦ୍ୟାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**କରଞ୍ଜିଆ, ୨୫।୧(ସମିସ):** କରଞ୍ଜିଆ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଉପଜିଲ୍ଲାପାଳ ଶ୍ରୀ ଚାନ୍ଦ ଉପସ୍ଥିତ ରହି ଭୋଟର ଓ ଜନସାଧାରଣଙ୍କୁ ମତଦାନ ଅଧିକାର ସମ୍ପର୍କରେ ଅବଗତ କରାଇଥିଲେ। ନିର୍ଭୀକ ହୋଇ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାର ପ୍ରୟୋଗ କରିବାକୁ ସଂକଳ୍ପ ପାଠ କରାଇଥିଲେ। ସେହିପରି କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନଏସଏସ ଇୟୁନିଟ ପକ୍ଷରୁ ଏନଏସି ଏବଂ ବ୍ଲକରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି।

# ବ୍ଲକ୍ ମୁଖ୍ୟ କିରାଣିଙ୍କ ହୃଦ୍‌ଘାତରେ ମୃତ୍ୟୁ

**ବହଳଦା, ୨୫।୧(ସମିସ):** ବହଳଦା ବ୍ଲକରେ କାର୍ଯ୍ୟରତ ମୁଖ୍ୟ କିରାଣୀ ସୁଶାନ୍ତ ଦେହୁରୀଙ୍କ ହୃଦଘାତରେ ବୁଧବାର ମୃତ୍ୟୁ ଘଟିଛି। ଗତକାଲି କାର୍ଯ୍ୟାଳୟରେ ଥିବାବେଳେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବା ଯୋଗୁ ତାଙ୍କୁ



ତୁରନ୍ତ ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ପରବର୍ତ୍ତୀ ଚିକିତ୍ସା ପାଇଁ କଟକ ନିଆଯାଉଥିବା ବେଳେ ସେ ବାଟରେ ବେତନଟୀ ନିକଟରେ ମୃତ୍ୟୁବରଣ କରିଥିଲେ। ତାଙ୍କ ଘର ଶୁଳିଆପଦା ବ୍ଲକ ଗଡ଼ିଆ ଗ୍ରାମରେ। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ହୋଇଥିଲା। ସେ ଜଣେ ମଳାପି ଓ ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଗାଁ ସମେତ ବହଳଦା ବ୍ଲକ ସହକର୍ମୀଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ବଡସାହି, ୨୫।୧(ସମିସ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବଡସାହି ମ.ଇ ବିଦ୍ୟାଳୟ ପଡ଼ିଆରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୦ ପଞ୍ଚାୟତରୁ ୫୪୪ଜଣ ହିତାଧିକାରୀ ପଞ୍ଜୀକୃତ କରିଛନ୍ତି। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଦିବ୍ୟାଙ୍ଗଙ୍କୁ ପଞ୍ଜୀକୃତ କରାଯାଇ ସେମାନଙ୍କ ଫଟୋ ଉଠାଯିବା ପରେ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଯାଇଛି। ଏହି ଅବସରରେ ଶିବିରରେ ଦୃଷ୍ଟିବାଧିତ, ମାନସିକ ଅନଗ୍ରସର, ଶ୍ରବଣବାଧିତ, ଅସ୍ଥିଶଲ୍ୟ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୩୦୩ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର, ଅସ୍ତ୍ରପ୍ରଚାର ପାଇଁ ୫ଜଣ, ଭିନ୍ନକ୍ଷମ ଉପକରଣ ପ୍ରଦାନ ପାଇଁ ୧୫୭ ଜଣ, ବଡସାହି ତହସିଲ ପକ୍ଷରୁ ୪୧୦ ଜଣଙ୍କୁ ଆୟ ଓ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ୫୨୦ ଜଣଙ୍କୁ ପରିଚୟପତ୍ର ୨୭୦ ଜଣଙ୍କୁ ବସ୍‌ପାସ ପ୍ରଦାନ କରାଯାଇଥିଲା। ସେହିପରି ୧୧ ଜଣ ବାଣୀଶ୍ରୀ ବୃତ୍ତି ଓ ୨ ଜଣ ଦକ୍ଷତା ବିକାଶ, ୨୧ଜଣ ଗ୍ରାମୀଣ ଘର, ପେନସନ ପାଇଁ ୫ଜଣ, ମଧୁବାବୁ ପେନସନ ପାଇଁ ୫୮ ଜଣ, ଉଚ୍ଚଶିକ୍ଷା ପାଇଁ ଜଣେ, ଭିନ୍ନକ୍ଷମ ଏସଏସଜି ଗ୍ରୁପର ସହାୟତା ପାଇଁ ୨ ଜଣ, ବିବାହ ସହାୟତା ପାଇଁ ଜଣେ ଆବେଦନ କରିଛନ୍ତି। ସେହିପରି ଡିଆର୍‌ଆଇ ଋଣ ପାଇଁ ୧୭ଜଣ ହିତାଧିକାରୀ ଆବେଦନ କରିଥିବା ଜଣାଯାଇଛି। ସାମାଜିକ ଶିକ୍ଷା ସଂଗଠକ ସାରନା ହେମ୍ବ୍ରମ୍ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବି.ଡି.ଓ ଆକାଶ କୁମାର ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ମାଝୀ, ବ୍ଲକ ଅଧ୍ୟକ୍ଷା ମିନତୀ ସିଂ, ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ, ଜିପିଓ ଅକାଶ କୁମାର ପଣ୍ଡା, ବିଇଓ ମଧୁସ୍ମିତା ଗିରି, ମଙ୍ଗଳ ଅଧିକାରିଣୀ ବାସନ୍ତୀ ସିଂ, ଏସିପି ମାନସ ଦଳେଇ, ଏପିଓ ସଦାଶିବ ସାହୁ, ସିପି ବସନ୍ତ ସ୍ୱାଇଁ, ମହାଶ୍ୱେତା ଜେନା, ଜସ୍ମିତା ଘଡେଇ, ବିଆରଟି ବାସନ୍ତୀ ମ୍ୟାଡାମ ଓ ଲିପ୍ସା ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ପାଇପ୍ ବ୍ୟାଣ୍ଡ ବିଜୟୀ ଦଳକୁ କରଞ୍ଜିଆରେ ସ୍ୱାଗତ



**କରଞ୍ଜିଆ, ୨୫।୧(ସମିସ):** ଜାତୀୟସ୍ତରରେ ଓଡ଼ିଶା ପାଇଁ ଗୌରବ ଆଣିଥିବା ଠାକୁରମୁଣ୍ଡା ବ୍ଲକ ନିଶାପୋଷି ଦ୍ରୋପଦୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ପାଇପ ବ୍ୟାଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କରଞ୍ଜିଆରେ ଦଳ ପହଞ୍ଚିବା ପରେ ସେମାନଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏନଏସିର ୱାର୍ଡ ନମ୍ବର ୧ ଓ ୨ର କାଉନସିଲର, ଠାକୁରମୁଣ୍ଡା ଏବିଇଓ ସନ୍ତୋଷ କୁମାର ମିଶ୍ର, କରଞ୍ଜିଆ ଆରଏସଏସ ୟୁନିଟ, ବିଜେପି ର କରଞ୍ଜିଆ ଶାଖା, ବରିଷ୍ଠ ନାଗରିକ ସଙ୍ଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ପ୍ରେସ କ୍ଲବ, ମାରୱାଡି ଯୁବା ମଞ୍ଚ ତଥା ସାଧାରଣ ଜନତା ପକ୍ଷରୁ ସମସ୍ତ ଛାତ୍ରୀ, ପ୍ରଧାନଶିକ୍ଷକ ମନୋରଞ୍ଜନ ମହାନ୍ତ, ବ୍ୟାଣ୍ଡ ପ୍ରଶିକ୍ଷକ ସତ୍ୟରଞ୍ଜନ ମହାକୁଡ଼, ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରେକୃଷ୍ଣ ମହାନ୍ତଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧନା ଜଣଶଇଥିଲେ।

# ଦ୍ୱାରଶୁଣୀ ଘାଟି ରାସ୍ତା ସମ୍ପ୍ରସାରଣ ନ ହେଲେ ଆନ୍ଦୋଳନ କରିବ ବିଜେଏମ୍‌ଏମ୍

**ବିଶୋଇ, ୨୫ ।୧(ସମିସ):** ମରଣଯନ୍ତା ପାଲଟିଥିବା ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ସ୍ଥିତ ଦ୍ୱାରଶୁଣୀ ଘାଟି ରାସ୍ତାର ସମ୍ପ୍ରସାରଣ ବିଳମ୍ବ ହେଉଥିବା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି। ଏଥିପାଇଁ ମୟୁରଭଞ୍ଜର ଜନସାଧାରଣ ବିଭିନ୍ନ ସଂଗଠନ ମାଧ୍ୟମରେ ଆନ୍ଦୋଳନ କରିଆସିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ରାସ୍ତାର ଡିଜାଇନ୍‌କୁ ବାରମ୍ବାର ପରିବର୍ତ୍ତନ କରାଯାଇଛି। ତେଣୁ ଏହି ରାସ୍ତା ସମ୍ପ୍ରସାରଣରେ ବିଳମ୍ବ ଘଟୁଛି। ରାଜପଥ ସମ୍ପ୍ରସାରଣ କାମ ନ ସରୁଣୁ ଅଧିକାରୀମାନେ ଟୋଲ ଫି ଆଦାୟ ପାଇଁ ତତ୍ପରତା ଦେଖାଉଛନ୍ତି; କିନ୍ତୁ ରାସ୍ତା ସମ୍ପ୍ରସାରଣ ନିମନ୍ତେ ସେଭଳି ତତ୍ପରତା ଦେଖାଉନାହାନ୍ତି। ଫଳରେ ଗତକାଲି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଯାତ୍ରା ପାର୍ଟିର ୬ ଜଣ ଶ୍ରମିକଙ୍କ ଜୀବନ ଚାଲିଯାଇଛି। ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ଏଭଳି ଆନ୍ଦୋଳନକୁ ଅଗ୍ରୀଣ ସଙ୍ଗଠନ ‘ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ଆଦିବାସୀ ମୂଳବାସୀ ମଞ୍ଚ’ ପକ୍ଷରୁ ସମର୍ଥନ ଦିଆଯିବ। ଆଗାମୀ ଦିନରେ ସଂଗଠନର ଆବାହକ ତଥା ପ୍ରାକ୍ତନ ସାଂସଦ ଙ୍କ ରାମଚନ୍ଦ୍ର ହାଁସଦା, ସଭାପତି ରାମଚନ୍ଦ୍ର ହେମ୍ବ୍ରମ, ବିଶୋଇ ପଞ୍ଚାୟତ ସମିତି କାଶୁ ମାଝୀ, ପଞ୍ଚାନନ ମୁର୍ମୁ ଆନ୍ଦୋଳନରେ ସାମିଲ ନେଇ ଗଣମାଧ୍ୟମରେ ସୂଚନା ଦେଇଛନ୍ତି।

## ୧୪ତମ ଜାତୀୟ ମତଦାତା ଦିବସ ପାଳିତ

# ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବାକୁ ଆହ୍ୱାନ

**ବାରିପଦା, ୨୫ ।୧(ସମିସ):**

ଭାରତ ନିର୍ବାଚନ ଆୟୋଗର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଗୁରୁବାର ସମଗ୍ର ଦେଶରେ ୧୪ତମ ଜାତୀୟ ଭୋଟର ଦିବସ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସଭା ସହିତ ନୂତନ ଭୋଟରଙ୍କୁ ନେଇ ୱାକାଥାନ ରାଲି ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ବିନୀତ ଭରଦ୍ୱାଜ ସବୁଜ ପତାକା ଦେଖାଇ ରାଲିକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ, ଉପସ୍ଥିତ ସମସ୍ତ ଅଧିକାରୀ, ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବରିଷ୍ଠ ନାଗରିକଙ୍କୁ ଶପଥ ପାଠ କରାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ୧୮ ବର୍ଷ ହୋଇଥିବା ନୂତନ ଭୋଟରଙ୍କୁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ସେମାନଙ୍କ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବୁଥ ସ୍ତରୀୟ ଅଧିକାରୀ, ଜନସାଧାରଣ ଓ ନୂତନ ଭୋଟର ଗଣତନ୍ତ୍ରର ସୁରକ୍ଷା



କରିବା ଦିଗରେ ସକ୍ରିୟ ଯୋଗଦାନ କରିବା ନେଇ ଶପଥ ପାଠ କରିଥିଲେ। ବୁଥସ୍ତରରେ ଭୋଟର ତାଲିକା ପ୍ରସ୍ତୁତି ଓ ଅନ୍ୟାନ୍ୟ ମତଦାତା ସମ୍ପର୍କିତ କାର୍ଯ୍ୟରେ ଅଭୂତପୂର୍ବ ସଫଳତା ଆଣିଦେଇଥିବା ବିଭିନ୍ନ ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖି ମୁକ୍ତ, ଅବାଧ, ନିର୍ଭୀକ ହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାର ପ୍ରଦାନ କରିବାକୁ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଆଭାସୀ ବାର୍ତ୍ତା ମାଧ୍ୟମରେ କହିଥିଲେ ଯେ, ‘ଏକ ଶକ୍ତିଶାଳୀ ଗଣତନ୍ତ୍ରର ମୂଳଦୁଆରେ ମତଦାତାମାନେ ବଡ଼ ଭୂମିକା ଥାଏ। ତେଣୁ ଗଣତନ୍ତ୍ରର ମହାନ ପର୍ବରେ ଯେପରି ପ୍ରତିଟି ନାଗରିକ ସାମିଲ ହେବେ ଏବଂ ନିଜ ପସନ୍ଦର ନେତା ବାଛିବେ, ସେଥିପାଇଁ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଜାତୀୟ ମତଦାତା ଦିବସ ପାଳନ କରାଯାଉଛି। ଏହି ଦିବସ ପାଳନର ଉଦ୍ଦେଶ୍ୟ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ସାଧାରଣ ନାଗରିକ ବିଶେଷ କରି ଯୁବବର୍ଗର ଭୋଟରଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା ଆମର ଉଦ୍ଦେଶ୍ୟ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ରଜନୀକାନ୍ତ ସ୍ୱାଇଁଙ୍କ ସମେତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର, ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ବାରିପଦା ଡେପୁଟି କଲେକ୍ଟର (ଇଲେକ୍ସନ) ଦୁର୍ଗାଚରଣ ମୁର୍ମୁ, ଡେପୁଟି କଲେକ୍ଟର ବିଶ୍ୱଜିତ ପଣ୍ଡା, ଶୁଭଙ୍କରୀ ସୁଦେଷ୍ଣା ଦାଶ, ସୁଶ୍ରୀ ଶ୍ରଦ୍ଧା ସୁମନ ଓ ଅନିଲ କୁମାର ମହାନ୍ତି ଏବଂ ବାରିପଦା ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ଦାସଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି, ଜିଲ୍ଲା ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ସିଲିଂ ଜମି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ

# ବିଭାଗୀୟ ଅବହେଳା ଓ ସଂପୃକ୍ତିର ପ୍ରମାଣ ମିଳିଲା

**ବେତନଟୀ/ବୈଶିଙ୍ଗା,୨୫ ।୧(ସମିସ):**



ବେତନଟୀ ତହସିଲ ଅଧୀନ ପଣସିଆ ଉପକଣ୍ଠ ଦୁର୍ଗପୁର ମୌଜାରେ ବହୁ ଚର୍ଚ୍ଚିତ ସିଲିଂ ଜମି କିଣାବିକା ଦୁର୍ନୀତିର ଗୁରୁବାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ଏ ନେଇ ବେତନଟୀ ତହସିଲ କାର୍ଯ୍ୟାଳୟରେ ବରିଷ୍ଠ ଅଧିକାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସୂଚନା ମୁତାବକ, ୧୯୭୬ ମସିହାରେ ସିଲିଂ ଜମିକୁ ସରକାର ଭୂମିହୀନ ଆଦିବାସୀ ହରିଜନଙ୍କୁ ଦେବାହସିତ ସେମାନଙ୍କୁ କ-ଫର୍ମ ମଧ୍ୟ ପ୍ରଦାନ କରିଥିଲେ। ସେହିଦିନରୁ ସେମାନେ ଚାଷ କରିଆସୁଥିଲେ। ହେଲେ ସେମାନଙ୍କ ନାମରେ ପଟ୍ଟା ହୋଇପାରିନଥିଲା। ଇତିମଧ୍ୟରେ ଦଖଲକାରୀଙ୍କୁ ୨୦୦୩ ମସିହାରେ ଜମି ବାବଦରେ ସାର୍ଟିଫାଏଡ କପି ମଧ୍ୟ ତହସିଲରୁ ଦିଆଯାଇଥିଲା; ମାତ୍ର ଚକବନ୍ଦୀ ପାଇଁ ରେକର୍ଡଭୁକ୍ତ ହୋଇପାରିନଥିଲାବେଳେ ଚକବନ୍ଦୀ ଏବଂ ତହସିଲ ମଧ୍ୟରେ ସମନ୍ୱୟର ଅଭାବ ପାଇଁ ତାହା ଅଟକି ରହିଥିଲା। ଯାହାର ଫାଇଦା ନେଇ ଆଇନର ଗଳାବାଟ ଦେଇ ୨୦୧୮ ମସିହାରେ ୧୯ଏକର ଜମି ପଟ୍ଟାଧର ଶିବଶଙ୍କର ପଣ୍ଡା ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଧୀନ ପାଣିଷଣ୍ଢା ଗ୍ରାମର ଗୁଲାମ ଖାଁଙ୍କ ପୁଅ ଜାଏଦ ଅଲ୍ଲି ଖାଁଙ୍କୁ ବିକ୍ରି କରିଥିଲେ। ୨୦୧୯ରେ ତତ୍କାଳୀନ ତହସିଲଦାର ଅନିଷା ଦାସ ପୁଲିସ ସହାୟତାରେ ଉକ୍ତ ଜମି ମାପ କରିବାକୁ ଯାଇଥିଲେ। ତେବେ ଏହାକୁ ଆଦିବାସୀ ହରିଜନ ବିରୋଧ କରିବାରୁ ମାପ ହୋଇପାରିନଥିଲା। ପରେ ୨୦୨୨ ମସିହାରେ ଜାଏଦ ଅଲ୍ଲି ଖାଁଙ୍କ ନାମରେ ଚତୁରତାର ସହିତ ତହସିଲ ପକ୍ଷରୁ ପଟ୍ଟା ଦିଆଯାଇଥିଲା। ପରେ ଦଖଲକାରୀମାନେ ଆରଡିସିଙ୍କ ଠାରୁ ଆରମ୍ଭକରି ଜିଲ୍ଲାପାଳ, ସଚିବ ତଥା ଅନ୍ୟାନ୍ୟ ପଦସ୍ଥ ପଦାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ତେବେ ଏ ସବୁ ସତ୍ତ୍ୱେ ତହସିଲ ପକ୍ଷରୁ ତତ୍ପରତାର ସହିତ ସେହି ଜମିକୁ ଜାଏଦଅଲ୍ଲି ଖାଁଙ୍କ ନାମରେ ପଟ୍ଟା କରିଦିଆଯାଇଥିଲା। ଶେଷରେ ଗୁରୁବାର କେନ୍ଦ୍ରାଞ୍ଚଳ ଆରଡିସିଙ୍କ ସଚିବ ତୁଷାରକାନ୍ତ ମହାନ୍ତି, ଅତିରିକ୍ତ ସଚିବ ଆଶୁତୋଷ ସାମଲ ଏବଂ ଏଏଫଏ /ରାଜ୍ୟ ସରକାରଙ୍କ ଅନୁସଚିବ କାର୍ତ୍ତିକଚନ୍ଦ୍ର ଦାସ ଏବଂ ବାରିପଦା ଉପଜିଲ୍ଲାପାଳ ଈଶ୍ୱରଚନ୍ଦ୍ର ନାଏକ ବେତନଟୀ ତହସିଲ ଅଫିସରେ ପହଞ୍ଚି ଜମି ସମ୍ପର୍କିତ ବିଭିନ୍ନ ଜରୁରୀ କାଗଜପତ୍ର ଯାଞ୍ଚ କରିଛନ୍ତି। ତେବେ ୧୯ଏକର ଜମି କିଣାବିକା ମଧ୍ୟରୁ ୧୭ ଏକରରୁ ଉଦ୍ଧ୍ୱର୍ ସିଲିଂଜମି ବୋଲି ଜଣାପଡିଥିଲା। ତେବେ ଏହିସବୁ ଘଟଣାରେ ବିଭାଗୀୟ ଅବହେଳା ଏବଂ ସମ୍ପୃକ୍ତି ଥିବା ତଦନ୍ତରୁ ଜଣାପଡିଛି। ତଦନ୍ତ ଅଧିକାରୀମାନେ କିଛି ରେକର୍ଡପତ୍ର ନେଇଥିବା ଏବଂ ସିଲିଂ ଜମିକୁ ପରିଦର୍ଶନ କରିଥିବା ଜଣାଯାଏ।

## ହେଟାବାଘ ଆକ୍ରମଣରେ କୁଟୁରା ମଲା

**ଘସିପୁରା,୨୫ ।୧(ସମିସ):** ଆନନ୍ଦପୁର ବନଖଣ୍ଡ ଅଧୀନ ବରାଙ୍ଗ ସଂରକ୍ଷିତ ଜଙ୍ଗଲ ନିକଟବର୍ତ୍ତୀ ପୁରୁଣାବାନ୍ଧଗୋଡା ଗାଁ ତାରିଣୀ ପୀଠ ନିକଟ ଆକାଶିଆ ଜଙ୍ଗଲରୁ ଆଜି ସକାଳୁ ଏକ କୁଟୁରାର ମୃତଦେହ ଉଦ୍ଧାର କରିଛନ୍ତି ସ୍ଥାନିୟ ବନ କର୍ମଚାରୀ। କୁଟୁରା ମୃତଦେହ ଉଦ୍ଧାର ପରେ ଡିଏଫ୍‌ଓ ଅଭୟକୁମାର ଦଳେଇଙ୍କ ନିର୍ଦ୍ଦେଶରେ ବ୍ୟବଚ୍ଛେଦ ପାଇଁ କେନ୍ଦୁଝରକୁ ପଠା ଯାଇଥିବା ଜଣାପଡିଛି। କୁଟୁରା ଶରୀରରେ କେତେକ ସ୍ଥାନରେ ଗଭୀର କ୍ଷତ, ଆମ୍ପୁଡା ଚିହ୍ନରୁ ଏବଂ ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ହେଟାବାଘର ଶିକାର ହୋଇଥିବା ଅନୁମାନ କରିଛି ବନବିଭାଗ। ସେପଟେ ପ୍ରାଣୀ ଚିକିତ୍ସାଧିକାରୀ ମାନେ ସମୂହ ଆନ୍ଦୋଳନରତ ଥିବାରୁ କୁଟୁରା ମୃତ୍ୟୁର ପ୍ରକୃତ କାରଣ ଜାଣିବାକୁ ମୃତ କୁଟୁରାର ବ୍ୟବଚ୍ଛେଦ ପାଇଁ ବନବିଭାଗ କେନ୍ଦୁଝର ପଠାଇଥିବା ଜଣାପଡିଛି।

## ବଳରାମପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଆନନ୍ଦପୁର,୨୫ ।୧(ସମିସ):** ମା' କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବଳରାମପୁର ଖେଳପଡ଼ିଆରେ ଉଦ୍‌ଯାପିତ ହୋଇଛି। ଫାଇନାଲମ୍ୟାଚରେ ଆମ୍ପୋର କ୍ରିକେଟ କ୍ଲବ୍ ପ୍ରଥମେ ବ୍ୟାଟିଂକରି ୮ ଓଭରରେ ୬ ୱିକେଟ ହରାଇ ୭୦ ରନ କରିଥିବା ବେଳେ ଜବାବରେ ବରିପାଳ ଏକାଦଶ ୩ ଓିକେଟ ହରାଇ ୭୧ ରନ କରି ଚାମ୍ପିଅନ ହୋଇଥିଲା। ଖେଳକୁ ଅମ୍ପାୟର ଅଶୋକ ବିଶ୍ୱାଳ, ଜଗନ୍ନାଥ ଜେନା, ଧାରା ବିବରଣୀରେ ମାନସ ରାଉତ ଓ ସ୍କୋରର ଭାବେ ଆଲୋକ ଜେନା ସହଯୋଗ କରିଥିଲେ ପୁରସ୍କାର ବିତରଣୀ ସଭାରେ ମା' କ୍ରିକେଟ କ୍ଲବର ସଭାର ସଭାପତି ସୁଜିତ ଜେନାଙ୍କ ସଯୋଜନାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଘସିପୁରା ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଯୁବ ବିଜେଡି ଉପସଭାପତି ସୁଦୀପ ସାହୁ, ଗଡବାନ୍ଧଗୋଡା ସମିତି ସଭ୍ୟ ବିଜୟ ଜେନା, ରାଜୀବ ପଲେଇ ଯୋଗଦେଇ ଥିଲେ। କୀର୍ତ୍ତନ ବିହାରୀ ଜେନା, ପ୍ରତାପ ରାଉତ ସହଯୋଗ କରିଥିଲେ।

## ପଥପ୍ରାନ୍ତ ସଭା କଲା ବନବିଭାଗ

**ଘଷିପୁରା,୨୫ ।୧(ସମିସ):** ବନାଗ୍ନି ରୋକିବାକୁ ଡିଏଫଓ ଅଭୟକୁମାର ଦଳେଇଙ୍କ ନିର୍ଦ୍ଦେଶରେ ରାମଚନ୍ଦ୍ରପୁର ସେକ୍ସନ ବନପାଳ ମଳୟକୁମାର ସାହୁ ପଟିଲୋ, ନାନୀକାବାହାଳି, କିର୍ତ୍ତନପାଟିଆ ପ୍ରଭୃତି ପାହାଡତଳି ଗ୍ରାମରେ ବନସୁରକ୍ଷା ସମିତି ସଦସ୍ୟଙ୍କୁ ନେଇ ପଥପ୍ରାନ୍ତ ସଚେତନତା ସଭା ଆୟୋଜନ କରିଛି। ଆମ ଜଙ୍ଗଲ ଯୋଜନାର ସଂଯୋଜକ ନରେନ୍ଦ୍ର କୁମାର ସାହୁ, ଫରେଷ୍ଟଗାର୍ଡ ଜ୍ୟୋତ୍ସ୍ନାମୟୀ ଜେନା, ସାଗରିକା ମୁର୍ମୁ ସମେତ ବନ କର୍ମଚାରୀଙ୍କ ଉପସ୍ଥିତିରେ ବନସୁରକ୍ଷା ସମିତିର ସଭାପତି ଗାର୍ଦି ମୁଣ୍ଡା, ମିଟୁ ପୂର୍ତ୍ତି, କଳାକର ଭୂୟାଁ ସମେତ ଲାଦୁରା ମୁଣ୍ଡା, ସରସ୍ୱତୀ ମୁଣ୍ଡା, ସସ୍ମିତା ମୁଣ୍ଡା, ଗୋପିନାଥ ମୁଣ୍ଡା, ଅନି ଗାଗରାଇ, ବାସୁ ମୁଣ୍ଡା, ପ୍ରଶାନ୍ତ ଭୂୟାଁ, ପ୍ରମିଳା ବେହେରା, ଲକ୍ଷ୍ମଣ ରାଜ ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇ ବନାଗ୍ନି ରୋକିବାକୁ ଶପଥ ନେଇଥିଲେ।

## ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ

**ତୁରୁମୁଙ୍ଗା/ନାରଦପୁର,୨୫ ।୧(ସମିସ):** କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ଝିପି ଝିପି ବର୍ଷା, ସାଙ୍ଗକୁ କୋହଲା ପାଗ ଯୋଗୁଁ ଜନ ଜୀବନ ପ୍ରଭାବିତ ହୋଇଛି। ହାଟ ବଜାର, ବସଷ୍ଟପ୍, ସର୍ବ ସାଧାରଣ ସ୍ଥଳୀରେ ଖାଁ ଖାଁ ଲାଗିରହିଥିବା ବେଳେ ଲୋକେ ବାହାରକୁ ବାହାରି ପାରିନାହାଁନ୍ତି। ବର୍ଷା ଯୋଗୁଁ ମଣ୍ଡି ଗୁଡିକରେ ଥିବା ଧାନକୁ ଚାଷୀ ପାଲ ଘୋଡାଇ ରଖିଥିବା ବେଳେ ପନିପରିବା ଚାଷ ବର୍ଷା ପ୍ରଭାବରେ ନଷ୍ଟ ହେବାର ଆଶଙ୍କା ଦେଖା ଦେଇଛି।

## ଅଭିନୟ କରି ପ୍ରଶଂସା ସାଉଁଟିଲେ ସାଇଁକୁଳ ଛାତ୍ରଛାତ୍ରୀ

**ଘସିପୁରା,୨୫।୧(ସମିସ):** କେନ୍ଦୁଝର ଜିଲ୍ଲା ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମରେ ଅନୁଷ୍ଠିତ ଆନ୍ତ! ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗୀତାରେ ପତିତପାବନ ମହାବିଦ୍ୟାଳୟ ସାଇଁକୁଳର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବନ୍ଧୁ ମହାନ୍ତିଙ୍କ ଚରିତ୍ର ଉପରେ ଏକ ସୁନ୍ଦର ନାଟକ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ମନ ଜିଣିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ପ୍ରତାପରୁଦ୍ର ରାଉତଙ୍କ ନିର୍ଦ୍ଦେଶନାରେ ଅପରାଜିତା ପରିଡା, ଅର୍ମାନ ଓଝା, ଗାୟତ୍ରୀ ପାତ୍ର, ମାମାଲି ଚକ୍ର, ସୌଙ୍ଗଶ୍ରୀ ପରିଡା ନିଖୁଣ ଅଭିନୟ କରି ଉପସ୍ଥିତ ଦର୍ଶକଙ୍କ ଠାରୁ ପ୍ରଶଂସା ସାଉଁଟିଥିଲେ। କଲେଜ ପକ୍ଷରୁ ଓଡିଆ ଅଧ୍ୟାପକ ଜଗବନ୍ଧୁ ଜେନା ମାର୍ଗ ଦର୍ଶନ କରିଥିବା ବେଳେ ଡିଗ୍ରୀ କଲେଜର ଅଧ୍ୟକ୍ଷ ଶରତ କୁମାର ଜେନା, ଓଏସ୍‌ଡି ରାଜେନ୍ଦ୍ର କୁମାର ରାଉତ ସମେତ +୨ କଲେଜର ଅଧ୍ୟକ୍ଷ ଅମୂଲ୍ୟକୁମାର ବିଶ୍ୱାଳ ଏହି ସଫଳତା ପାଇଁ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଦେଇଥିଲେ।

## ନମୋ ନବ ମତଦାତା ସମ୍ମିଳନୀ

**ପାଟଣା,୨୫।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସ୍ଥାନରେ କେନ୍ଦୁଝର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ନମୋ ନବ ମତଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏନେଇ କେନ୍ଦେଇପଶି ପଞ୍ଚାୟତ ଖେଳପଡ଼ିଆରେ ନୂତନ ଭୋଟର ମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏଲ୍‌ଇଡି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତାକୁ ସିଧା ପ୍ରସାରଣ କରାଯାଇଥିଲା। ଏହି ସଭା ମଞ୍ଚରେ ବିଜେପି ନେତା ଅଶ୍ୱିନୀ ମହାନ୍ତ ଓ ହେମରଞ୍ଜନ ବାରିକ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ନାଏକ ଓ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇ ନୂତନ ଯୁବ ଭୋଟରଙ୍କୁ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଖୁଣ୍ଡା ମଣ୍ଡଳ ସଭାପତି ପ୍ରବୀର ରଞ୍ଜନ ନାଏକ, ସାହାରପଡ଼ା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ, କେନ୍ଦେଇପଶି ମଣ୍ଡଳ ସଭାପତି ମିତ୍ରଭାନୁ ମହାନ୍ତ, ଖିରେଇଟାଙ୍ଗିରୀ ମଣ୍ଡଳ ସଭାପତି ମହେନ୍ଦ୍ର ନାଏକ, ଟାଙ୍ଗରପଡ଼ା ସରପଞ୍ଚ ଅନିରୁଦ୍ଧ ନାଏକ, ଏସ୍‌ସି ମୋର୍ଚ୍ଚା ହେମନ୍ତ ପାତ୍ର, ଆଦିବାସୀ ମୋର୍ଚ୍ଚା ସଭାପତି କମଳାକାନ୍ତ ନାଏକଙ୍କ ସମେତ ବହୁ ବିଜେପି କର୍ମୀମାନେ ଯୋଗ ଦେଇଥିଲେ।

**ସୋସୋ:** ହାଟଡିହି ବ୍ଲକ ଛେନାପଦି ଛକ ଶ୍ରୀକୃଷ୍ଣ ମଣ୍ଡପଠାରେ ନମୋ ନବ ମତଦାତାଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେପି ନେତା ଆଲୋକ ସେଠୀ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ସଂଯୋଜକ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ଜିଲ୍ଲା ପରିଷଦ ସଦସ୍ୟା ଅସିମା ମିଶ୍ର, ରାଜ୍ୟ ମଣ୍ଡଳ ସଭାପତି ହର ମରାହନ ଶାସିନୀ, ବଳଭଦ୍ର ବାରିକ, ମିନତି ମହାପାତ୍ର, ଚାନ୍ଦପଶି ମଢେଇ, ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ତପନ ପାତ୍ର, ରୁଦ୍ରପ୍ରସାଦ ଜେନା, ଆଶିଷ୍ ଜେନା, ରମାକାନ୍ତ ଜେନା, ଆଲୋକ ଦାସ, ଅଧର ବେହେରା, ଆଲୋକ ଜେନା, ଜଗନ ଜେନା, ଜିତେନ ସଙ୍କୁଆ, ତାରାକାନ୍ତ ସାହୁ, ସୁରେନ୍ଦ୍ର ବିଶ୍ୱାଳ, ନବକିଶୋର ଜେନା, ସୁରେନ୍ଦ୍ର ସାହୁ, ବେଣୁଧର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଜାତୀୟ ଏକତା ଶିବିର ଉଦ୍‌ଘାଟିତ




**ବାରିପଦା, ୨୫ ।୧(ସମିସ):** ସହିଦ ସ୍ମୃତିଭବନରେ ଜାତୀୟ ଯୁବ ପ୍ରକଳ୍ପ ଏକତା ଶିବିର ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୟୂରଭଞ୍ଜ ଶାଖା ଆନୁକୂଲ୍ୟରେ ଦେଶର ବିଭିନ୍ନ ରାଜ୍ୟରୁ ୨୫୦ରୁ ଉଦ୍ଧ୍ୱର୍ ଶିବିରାର୍ଥୀ ଯୋଗଦେଇଛନ୍ତି। ଓଡିଶା ଶାଖା ମୁଖ୍ୟ ମଧୁଭାଇଙ୍କ ସଭାପତିତ୍ୱରେ ଉଦଘାଟନୀ ଉତ୍ସବର ପ୍ରଥମ ପର୍ଯ୍ୟାୟରେ ପରିଚାଳକଙ୍କ ସହିତ ବିଭିନ୍ନ ରାଜ୍ୟରୁ ଆସିଥିବା ଶିବିରାର୍ଥୀ ନିଜ ନିଜ ରାଜ୍ୟର ପାରମ୍ପରିକ ବେଶଭୁଷା ପରିଧାନ ପୂର୍ବକ ଏକ ବିରାଟ ପଟୁଆରରେ ସହର ପରିକ୍ରମା କରି ସଦଭାବନାର ସନ୍ଦେଶ ବାଣ୍ଟିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଡେପୁଟି ଡାଇରେକ୍ଟର ଡ଼ଃ ସମ୍ରାଟ ଗୌଡା, ରାଷ୍ଟ୍ରୀୟ ସମ୍ପାଦକ ଡ଼ଃ ରଣସିଙ୍ଘ ପରମାର, କାରେଇଲ ସୁକୁମାରନ ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ଆଦିତ୍ୟ ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ ବିବେକାନନ୍ଦ ପଟ୍ଟନାୟକ ଓ ମୟୂରଭଞ୍ଜ ଶାଖାର ସଂଯୋଜକ ମଳୟ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସମରେନ୍ଦ୍ର ବସା ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବାବେଳେ ପ୍ରଫେସର ଡ଼ଃ ସରୋଜ ନାୟକ ଅତିଥି ପରିଚୟ ଦେଇଥିଲେ। ନଗରପାଳ ଶ୍ରୀ ମହାନ୍ତି ବିଭିନ୍ନ ରାଜ୍ୟରୁ ଆସିଥିବା ଶିବିରାର୍ଥୀଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ମୟୂରଭଞ୍ଜର ଅତୀତ ଗୌରବ ତଥା ଓଡିଶା ବିକାଶରେ ମୟୂରଭଞ୍ଜ ରାଜାଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। ଏଥିସହିତ ସମସ୍ତ ଶିବିରାର୍ଥୀଙ୍କୁ ବାରିପଦା ପୌରପାଳିକାକୁ ୨୮ ତାରିଖରେ ନୈଶଭୋଜି ପାଇଁ ନିମନ୍ତ୍ରଣ କରିଥିଲେ। ଶେଷରେ ଆଶିଷ କୁମାର ବସା ଧନ୍ୟବାଦ ଅର୍ପଣ କରିଥିଲେ।

## ଜରଦ ଗ୍ରାମରେ ମଙ୍ଗଳା ଓଷା

# ଅଧିଆ ପଡିଲେ ପୂରଣ ହୁଏ ମାନସିକ

**ଘସିପୁରା,୨୫।୧(ସମିସ):** ପ୍ରଗାଢ଼ ଈଶ୍ୱର ବିଶ୍ୱାସ ଓ ଧର୍ମୀୟ ଭାବନା ଆଜି ବି ଅନେକ ଗ୍ରାମରେ ଅତୁଟ ରହିଛି। ବିଶ୍ୱାସ ଅଛି ମା'ଙ୍କ ନିକଟରେ ଅଧିଆ ପଡିଲେ ଅନେକ ବିପଦରୁ ମୁକ୍ତି ମିଳିଥାଏ। ଆଜି ବି ଏହି ପରମ୍ପରା ଉଜ୍ଜିବିତ ହୋଇରହିଛି। ଘସିପୁରା ବ୍ଲକ ଅନ୍ତର୍ଗତ ଜରଦା ଗ୍ରାମରେ ପ୍ରତି ବର୍ଷ ମାଘ ମାସ ଦ୍ୱିତୀୟ ମଙ୍ଗଳବାରରେ ଗ୍ରାମଦେବତୀ ମା' ମଙ୍ଗଳା ଠାକୁରାଣୀଙ୍କ ବାର୍ଷିକ ପୂଜା ଉତ୍ସବ ପାଳନ କରାଯାଏ। ମା'ଙ୍କ ନିତ୍ୟସେବକ ଦେହୁରୀ ଗୋକୁଳ ଖଟୁଆ ସମସ୍ତ ନୀତିକାନ୍ତି ସମାପନ କରିବା ପରେ ମା'ଙ୍କୁ ମହାସ୍ନାନ କରାଇବା ପରେ ଶ୍ରଦ୍ଧାଳୁ ବ୍ରତ ଧାରୀ ମହିଳା ମାନେ ପୁଷ୍କରିଣୀରୁ କଳସ ପୂଜନ ପୂର୍ବକ ମା' ଙ୍କ ପୀଠରେ ସ୍ଥାପନ କରି ନିଷ୍ଠାର ସହ ଉପବାସ ବ୍ରତ ରଖି ମା'ମଙ୍ଗଳାଙ୍କ ଶରଣାପନ୍ନ ହୋଇଥିଲେ। ମା'ଙ୍କ ପୀଠରେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବିଶେଷ ପୂଜାର୍ଚ୍ଚନା ପରେ ବୁଧବାର ସକାଳୁ ବ୍ରତଧାରୀ ମାନେ ମାନସିକ କଳସ ଧାରଣ କରି ନଗର ଭ୍ରମଣର ବାହାରିଥିଲେ। ମା'ଙ୍କ ଆଜ୍ଞାମାଳ ପାଇ ଦେହୁରୀ କାର୍ତ୍ତିକ ନାୟକ ଏବଂ ଗଙ୍ଗାଧର ସାମଲ କାଳିସୀ ରୂପ ଧାରଣ କରି ଭକ୍ତ ମାନଙ୍କୁ ଆଶ୍ରିବଚନ ପ୍ରଦାନ କରିଥାନ୍ତି। କାଳିସୀ ନଗର ଭ୍ରମଣ ସମୟରେ ଅନେକ ମାନସିକ ବ୍ରତଧାରୀ ମହିଳା ନିଜର ମନସ୍କାମନା ପୂର୍ଣ୍ଣ ପାଇଁ ଧୂପ ଦୀପ ନୈବେଦ୍ୟ ସହ ଦଣ୍ଡ ପ୍ରଣାମ ରେ (ଅଧିଆ ପଡି) କାଳିସୀ ମାନଙ୍କ ଶରଣାପର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଥିଲା, କାଳିସୀ ମା'ଙ୍କ ଆଜ୍ଞାମାଳ ଦ୍ୱାରା ସ୍ପର୍ଶ କରି ବ୍ରତ ଧାରୀଙ୍କୁ ଉଠାଇଥାନ୍ତି। ବିଶ୍ୱାସ ରହିଛି ଅଧିଆ ପଡିଲେ ମା'ମଙ୍ଗଳାଙ୍କ ଆଶିଷ ମିଳିବା ସହ ବ୍ରତଧାରୀଙ୍କ ମାନସିକ ପୂରଣ ହୋଇଥାଏ। ଢୋଲ, ମାଦଳ, ନାମ ସଂକୀର୍ତ୍ତନ ଏବଂ ହରିବୋଲ ହୁଳହୁଳି ଧ୍ୱନୀରେ କଳସ ଗୁଡିକୁ ମହିଳାମାନେ ମୁଣ୍ଡରେ ଧାରଣ କରି ପୁନର୍ବାର ଗ୍ରାମଶ୍ରୀ ପୁଷ୍କରିଣୀରେ ବିସର୍ଜନ କରିଥିଲେ। ଏହି ପୂଜା କାର୍ଯ୍ୟକୁ ଗ୍ରାମର ଅମୂଲ୍ୟ ଜେନା, କାର୍ତ୍ତିକ ବିଶ୍ୱାଳ, କୈଳାସ ଓଝା, କଳାକର ରାଉତ ସମେତ ଅନେକ ଶ୍ରଦ୍ଧାଳୁ ମହିଳାଙ୍କ ସହଯୋଗର ହାତ ବଢାଇଥିଲେ।



## ପିଏସ୍ କଲେଜରେ ଜାତୀୟ ମତଦାତା ଦିବସ




**ବାଲିବନ୍ଧ,୨୫।୧ (ସମିସ):** ଅର୍ଶଳା ପଞ୍ଚାୟତସ୍ଥିତ ଝୁମ୍ପୁରା ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ କୁଞ୍ଜବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଅଧ୍ୟାପକ, ଅଧ୍ୟାପିକାଗଣ ବିଭିନ୍ନ ପରାମର୍ଶ ଦେଇ ସଚେତନ କରାଇଥିଲେ। ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି ନିର୍ଭିକ ହୋଇ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ନିର୍ବିଶେଷରେ ନିର୍ବାଚନରେ ନିଜର ମତାଧିକାର ପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବିନାୟକ ମହାନ୍ତ, ପ୍ରଧାପକ ଦେବବ୍ରତ ମିଶ୍ର, ଅଧ୍ୟାପକ ଶଶାଙ୍କ ଶେଖର ନାୟକ, ବିଷ୍ଣୁଚରଣ ସାହୁ, ତ୍ରିଲୋଚନ ମହାନ୍ତ, ପ୍ରଦ୍ୟୁମ୍ନ କିଶୋର ବେଉରା, ଅଧ୍ୟାପିକା ମନୋରମା ଦାଶ, ଶୁଭସ୍ମିତା ପଣ୍ଡା, ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ।

## କାଳିଆହତା ରେକୁଟି ରାସ୍ତା ଶୋଚନୀୟ



**ତେଲକୋଇ,୨୫।୧(ସମିସ):** ତେଲକୋଇ ବ୍ଲକ ଉପାନ୍ତ କାଳିଆହତା ଠାରୁ ରେକୁଟି ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଛି। ୩ କିମିରୁ ଉର୍ଦ୍ଧ୍ୱ ରାସ୍ତା ଦେଇ ଦୈନିକ ଶତାଧିକ ସଂଖ୍ୟାରେ ଯାନବାହାନ ଚଳାଚଳ କରୁଥିବା ବେଳେ ରାସ୍ତାର ଅବସ୍ଥା ମରଣ ଯନ୍ତା ପାଲଟିଛି। ଜିଲ୍ଲାର ଶେଷ ସୀମାରେ ଉକ୍ତ ରାସ୍ତାଟି ହୋଇଥିବା ବେଳେ ପଡୋଶୀ ଜିଲ୍ଲା ଢେଙ୍କାନାଳ ତଥା କଙ୍କଡାହାଡ଼ ବ୍ଲକ କୁ ସଂଯୋଗ ରହିଛି। ଫଳରେ ଏହି ରାସ୍ତା ଦେଇ କଟକ ଭୁବନେଶ୍ୱର ମଧ୍ୟ ଯିବା ଆସିବା ହୋଇଥାଏ। ଏନେଇ ସାମାନ୍ୟ ବର୍ଷା ହେଲେ ରାସ୍ତାଟି କାଦୁଅ ପଚ ପଚ ସହ ବଡ଼ବଡ଼ ଖାଲ ଢିପ ଯୋଗୁଁ ଯାତାୟାତ ରେ ବହୁତ ଅସୁବିଧା ରେ ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ଆଖପାଖ ଅଞ୍ଚଳରେ ଥିବା ଗ୍ରାମ ଗୁଡ଼ିକ ପଞ୍ଚାୟତ ମୁଖ୍ୟାଳୟକୁ ଆସିବା ପାଇଁ ନାହିଁ ନଥିବାର ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ତେବେ ରାସ୍ତାର ପିଚୁ ଉଠି ଭାସୁଥିବା ବେଳେ ଦୈନିକ ମୋଟର ସାଇକେଲ ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି। ତୁରନ୍ତ ଉକ୍ତ ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମଦ ଭର୍ତ୍ତି କାର ଧକ୍କାରେ ମହିଳା ଆହତ

**ମାଣତ୍ରୀ/ବୈଶିଙ୍ଗା, ୨୫ ।୧(ସମିସ):** ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀରୁ ମାନଗୋବିନ୍ଦପୁର ଦେଇ ବାଲେଶ୍ୱର ଜିଲ୍ଲାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏବଂ ମଦ ମାଫିଆଙ୍କ ପାଇଁ ସୁରକ୍ଷିତ ରାସ୍ତା ପାଲଟିଛି। ଏହି ରାସ୍ତା ପୁଲିସ ଏବଂ ଅବକାରୀ ବିଭାଗର ନଜର ଆଢୁଆଳରେ ରହୁଥିବାରୁ ଆନ୍ତଜିଲ୍ଲା ଚୋରା ଦେଶୀ ମଦ ବେପାରୀ ଯିବାଆସିବା କରିବାକୁ ଏହି ରାସ୍ତା ବାଛି ନେଇଥାନ୍ତି। ସୂଚନା ଅନୁଯାୟୀ ଗୁରୁବାର ପୂର୍ବାହ୍ନ ସମୟରେ ଦୁଇଟି କାର ଦ୍ରୁତଗତିରେ ଏହି ରାସ୍ତାରେ ଅତିକ୍ରମ କରୁଥିବା ବେଳେ ଜଣେ ମହିଳାଙ୍କ ଧକ୍କା ଦେଇଥିଲା। ମାନଗୋବିନ୍ଦପୁର ପଞ୍ଚାୟତର ମେର୍ଦ୍ଦାନୁଆଗାଁ ଅଞ୍ଚଳବାସୀ କୌଶଳକ୍ରମେ ଉକ୍ତ କାରକୁ ଅଟକାଇଥିଲେ। ସେତେବେଳକୁ ଅନ୍ୟ କାର ଚମ୍ପଟ ମାରିଥିଲା। ଖବର ପାଇ ମାଣତ୍ରୀ ଫାଣ୍ଡି ଅଧିକାରୀ ଓ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡିକୁ ଜବତ କରିବା ସହିତ ଗାଡିରୁ ୪୦ଲିଟର ଦେଶୀ ମଦ ଜବତ କରିଥିଲେ। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।




## ଧକୋଠା ହାଇସ୍କୁଲରେ ବାର୍ଷିକ ଉତ୍ସବ

**ଆନନ୍ଦପୁର,୨୫ ।୧(ସମିସ):** ଆନନ୍ଦପୁର ବ୍ଲକ ଅଧୀନ ଧକୋଠା ସରକାରୀ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ଷେଣ୍ଡଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଧକୋଠା ସରପଞ୍ଚ ବୀରଭଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ସାହୁ ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ହୃଦାନନ୍ଦ ଦାଶ ଓ ଯୁବକ ସଂଘର ସମ୍ପାଦକ ପ୍ରଫୁଲ କୁମାର ସାହୁ, ସାମ୍ବାଦିକ ଶତ୍ରୁଘ୍ନ ପ୍ରମୁଖ ଯୋଗ ଦେଇ ଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ କଳାକୌଶଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଥିଲା। ଶ୍ରେଷ୍ଠ ଛାତ୍ରୀ ଭାବେ ଦଶମ ଶ୍ରେଣୀର ଶୁଭସ୍ରୀ ପାତ୍ର, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଅମିତ ସାହୁ, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଛାତ୍ରୀ ଭାବେ ଶୁଭଦର୍ଶନୀ ମହାନ୍ତ ଓ କ୍ରୀଡ଼ା ଚାମ୍ପିଅନ ଭାବେ ତେଜସୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ନିବେଦିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୌମେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସତ୍ୟାନନ୍ଦ ନାଇକ, ଅଶୋକ ଗୋଛାୟତ, ସୌଜନ୍ୟ ପଣ୍ଡା, ଶିକ୍ଷୟିତ୍ରୀ ବିଶ୍ୱବନ୍ଦିତା ସାହୁ, ଅନୀତା ପରିଡ଼ା, ଲକିସ୍ମିତା ସେଠୀ, ସୁଜାତା ଦଳେଇ, ଦିପ୍ତିମୟୀ ଜେନା ପରିଚାଳନା କରିଥିବା ବେଳେ କର୍ମଚାରୀ ଭାଗୀରଥି ବାରିକ ଓ ଅଖିଳ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।















# ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ; ବାସିଙ୍ଗି ଚାମ୍ପିଅନ



**ଝରାଡିହି, ୨୫।୧(ସମିସ)**

ବହଳଦା ବ୍ଲକ ଭିତରାମଦା ପଞ୍ଚାୟତ ଜାରିଟାଣ୍ଡି ଫୁଟବଲ ଖେଳ ପଡ଼ିଆରେ କ୍ରୀଡା ମହୋତ୍ସବ ସହିତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଦିବାସୀଙ୍କ ବିକାଶ ଉପଲକ୍ଷେ ଜନଜାତି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକ ଡବ୍ଲ୍ୟୁଇଓ ଅଙ୍କିତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏସଡିସି ଚେୟାରମ୍ୟାନ ଦେବାଶିଷ ମାର୍ଣ୍ଡି ଉଦଘାଟନ କରିଥିଲେ। ଗତ ୨୪ତାରିଖରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଠାରେ ୯ ଜଣ ମହିଳା ଓ ୯ଜଣ ପୁରୁଷ ଉନ୍ନୀତ ହୋଇଥିଲେ। ପୁରସ୍କାର ବଣ୍ଟନ ଉତ୍ସବରେ ଏପିଓ ସୁଧାର ପାଲ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ପୂର୍ବତନ ରାଇରଙ୍ଗପୁର ବିଧାୟକ ସାଇବା ସୁଶିଲ କୁମାର ହାଁସଦା, ସମ୍ମାନିତ ଭାବେ ବ୍ଲକ ବିଜେଡି ସଭାପତି ହରେକୃଷ୍ଣ ମଣ୍ଡଳ, ଭିତରାମଦା ସରପଞ୍ଚ କ୍ଷାତ୍ରି କିସ୍କୁ, ବିଜେଡି ଯୁବ ପ୍ରେସିଡେଣ୍ଟ ରାହୁଲ ଯାଦବ, ଡିଷ୍ଟ୍ରିକ୍ଟ ଛାତ୍ର ସେକ୍ରେଟାରୀ କାରାନ ମୁର୍ମୁ, ବହଳଦା ବ୍ଲକ ଯୁବ ପ୍ରେସିଡେଣ୍ଟ ବାବୁଲା ପାତ୍ର, ପୂର୍ବତନ ବହଳଦା ବ୍ଲକ ଚେୟାରମ୍ୟାନ ରବୀନ୍ଦ୍ର ମାର୍ଣ୍ଡି, ସମିତସଭ୍ୟ ସାଉନା କିସ୍କୁ ପ୍ରମୁଖ ପୁରସ୍କାର ବଣ୍ଟନ କରିଥିଲେ। ତାପସ ବାସାକ ଧନ୍ୟବାଦ ଦେଇଥିଲେ। ସେହିପରି ୨୫ ତାରିଖରେ ଏକ ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨ଟି ଫୁଟବଲ ଖେଳାଳି ଦଳ ଅଂଶ ଗ୍ରହଣ କରିଥିଲେ। ଭିତରାମଦା ପଞ୍ଚାୟତ ଓ ବାସିଙ୍ଗି ପଞ୍ଚାୟତ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଫଳରେ ବାସିଙ୍ଗି ପଞ୍ଚାୟତ ଚାମ୍ପିଆନ ହୋଇଥିଲା। ଅତିଥି ଭାବେ ଏସସିସି ପ୍ରେସିଡେଣ୍ଟ ସୁବ୍ରମଣ୍ୟମ ମହାନ୍ତି, ବିଜେଡି ମୟୂରଭଞ୍ଜ ଜିଲ୍ଲା ୨ ସଭାପତିତ୍ୱ କାଶୀନାଥ ହେମ୍ବ୍ରମ, ପଙ୍କଜ ରାଉତ, ନବିନ ରାମ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପୁରସ୍କାର ବଣ୍ଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ରତିକାନ୍ତ ପରିଚ୍ଛା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଖେଲାରାମ ମାହାଲି, ଜିଲ୍ଲା ପରିଷଦ ସଭ୍ୟ ଭଗବତୀ ମିଶ୍ର, ସୂର୍ଯ୍ୟମଣି ହାଁସଦା, ଭିତରାମଦା ସମିତିସଭ୍ୟ ସାଉନା କିସ୍କୁ, ସରପଞ୍ଚ କ୍ଷାତ୍ରି କିସ୍କୁ, ସମାଜସେବୀ ପ୍ରବୀର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଚରରେ ହନୁମାନ ମୂର୍ତ୍ତି ପୂଜାର୍ଚ୍ଚନା ବିବାଦର ସମାଧାନ

**ବେତନଟୀ, ୨୫।୧(ସମିସ):** ପୁରିନ୍ଦାପଞ୍ଚାୟତ ଅଧୀନ ଅମଣିଦାଠାରେ ଗୋଚର ଜମିରେ ହନୁମାନଙ୍କ ମୂର୍ତ୍ତିକୁ ରଖି ପୂଜାର୍ଚ୍ଚନା କରିବାକୁ ନେଇ ଉପୁଜି ଥିବା ବିବାଦର ଆଜି ପୁଲିସ ଉପସ୍ଥିତିରେ ଆପୋଷ ସମାଧାନ ହୋଇଛି। ଗତ ୨୨ତାରିଖରେ ଅଯୋଧ୍ୟାରେ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟମନ୍ଦିର ପ୍ରତିଷ୍ଠାତ୍ସୋବ ଉପଲକ୍ଷେ ଅମଣିଦା ଗାଁ ମୁଣ୍ଡରେ ଥିବା ଗୋଚରରେ ହନୁମାନ ମୂର୍ତ୍ତି ରଖି ପୂଜାର୍ଚ୍ଚନା କରାଯାଇଥିଲା। ତେବେ ଏହି ମୂର୍ତ୍ତିକୁ ଦ୍ୱିତୀୟପକ୍ଷ ଉଠାଇ ନେଇଥିଲେ; ଯାହାକୁ ନେଇ ବିବାଦ ଦେଖାଦେଇଥିଲା। ଶେଷରେ ବେତନଟୀ ଏସଡିପିଓ ସୁଦର୍ଶନ ଦାଶ, ଆଇଆଇସି ସସ୍ମିତା ମହାନ୍ତ, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାଶ, ଦହିକୋଟୀ ରାଜସ୍ୱ ନିରୀକ୍ଷକ ଉତ୍ତମ କୁମାର ପାତ୍ର ପ୍ରମୁଖ ଅଧିକାରୀଗଣଙ୍କ ଉପସ୍ଥିତିରେ ଆପୋଷ ଆଲୋଚନା ହୋଇଯାଇଛି। ଅପରପକ୍ଷ ନେଇଥିବା ମୂର୍ତ୍ତି ଫେରାଇଥିବା ବେଳେ ସେଠାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଉଭୟ ପକ୍ଷଙ୍କୁ ନୋଟିସ ଜାରି କରାଯିବ ବୋଲି ଆଇଆଇସି ସସ୍ମିତା ମହାନ୍ତ ସୂଚନା ଦେଇଛନ୍ତି।






# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର



**ବିଶୋଇ, ୨୫।୧ (ସମିସ):** ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଲୋକାଭିମୁଖୀ କରିବା ପାଇଁ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟର ବ୍ଲକର ବାଉତିବେଡା ଓ ଯୋଡ଼ିଆ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଉପରେ ସଚେତନତା କରାଯାଇଥିଲା। ଧାର୍ମିକସ୍ଥଳୀଗୁଡିକର ରୂପାନ୍ତରିକରଣ, ମହିଳା ସଶକ୍ତିକରଣ, ବ୍ୟାଙ୍କିଙ୍ଗ ଭିତ୍ତିଭୂମି ବିକାଶ, କ୍ରୀଡା ଭିତ୍ତିଭୂମି ବିକାଶ ଓ ପ୍ରାଥମିକ ବିଦ୍ୟାଳୟ ରୂପାନ୍ତରିକରଣ ନେଇ ପାଲା ମାଧ୍ୟମରେ ସଚେତନତା କରାଯାଇଥିଲା। ବାଉତିବେଡା ପଞ୍ଚାୟତରେ ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ରାସନ କାର୍ଡ, କାଳିଆ ଯୋଜନା, ପାନୀୟ ଜଳ ଯୋଗାଣ ଆଦି ସମ୍ପର୍କରେ ଅଭିଯୋଗ କରିଥିଲେ। ସେହିପରି ଯୋଡ଼ିଆ ପଞ୍ଚାୟତରେ ମଧ୍ୟ ଭତ୍ତା, ରାସନ କାର୍ଡ, ବସୁଧା ଯୋଜନା, ମୋ ଘର ଯୋଜନା ବିଜୁ ସ୍ୱାସ୍ଥ୍ୟ ଯୋଜନା ସମ୍ପର୍କରେ ଅଭିଯୋଗ କରିଥିଲେ। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ନଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୋଡାଲ ଅଫିସର ତଥା ବାଉତିବେଡା ପିଇଓ ସତ୍ୟରଞ୍ଜନ କର, କନିଷ୍ଠ ଯନ୍ତ୍ରୀ ଅନିରୁଦ୍ଧ ମିଶ୍ର, ସରପଞ୍ଚ କାଳୀଚରଣ ନାଏକ, ସମିତି ସଭ୍ୟା କୁନିରାଣୀ ବେହେରା, ଜିଆରଏସ୍ ମନୋଜ ବେହେରା ପ୍ରମୁଖ ଯୋଗଦେଇଥିଲେ। ଯୋଡ଼ିଆ ପିଇଓ ସଂଗ୍ରାମ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ସାବିତ୍ରୀ ସୋରେନ, ସମିତି ସଭ୍ୟ ଚାନ୍ଦ୍ରୟ ସୋରେନ, କନିଷ୍ଠଯନ୍ତ୍ରୀ ଇଂ ସନ୍ତୋଷ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ମାଣତ୍ରୀ ହାଇସ୍କୁଲର ବାର୍ଷିକ ଉତ୍ସବ

**ମାଣତ୍ରୀ, ୨୫।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ ଅଧୀନ ମାଣତ୍ରୀ ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହରିଶ୍ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏବିଇଓ ବସନ୍ତ ମଞ୍ଜରୀ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ବଡସାହି ବ୍ଲକ ଓଷ୍ଟା ସମ୍ପାଦକ ପ୍ରଭାସ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ବଡସାହି ଏବିଇଓ ରାଧିଆ ମୁଣ୍ଡା, ଜିଲ୍ଲା ଓଷ୍ଟା କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ ନାଏକ, ମାଣତ୍ରୀ ସିଆରସିସି ପ୍ରଦୀପ କୁମାର ପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ଭାଇସ ଚେୟାରମ୍ୟାନ ରଞ୍ଜିତା ସିଂହ, ସଦସ୍ୟ ମିଟୁ ସେଠୀ ଓ ଦେବାଶିଷ ରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶୃଙ୍ଖଳିତ ହୋଇ ବିଦ୍ୟା ଅଧ୍ୟୟନ ସହ ବାପାମାଆ ଗୁରୁଜନ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭକ୍ତି ରଖିଲେ ସଫଳ ପାବଛରେ ପଦାର୍ପଣ କରିହେବ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରାନ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା, କ୍ରୀଡାଙ୍ଗନାକୁ ମୁଖ୍ୟ ଅତିଥି ବସନ୍ତ ମଞ୍ଜରୀ ପଟ୍ଟନାୟକ, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଦୀପ କୁମାର ପାତ୍ର, ଦେବାଶୀଷ ଦାଶ ଫିତା କାଟି ଉଦଘାଟନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସୌମ୍ୟାଜ୍ୟୋତି ମହାପାତ୍ରଙ୍କୁ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷୟତ୍ରୀ ରଞ୍ଜିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।







## ହାତୀ ଆକ୍ରମଣରେ ଜଣେ ଗୁରୁତର

**ଚମ୍ପୁଆ,୨୫।୧(ସମିସ):** ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଜାମୁଦରଳ ପଞ୍ଚାତର ମଙ୍ଗଳପୁର ଠାରେ ଶୌଚ ପାଇଁ ଯାଇଥିବା ଯୁବକ ହାତୀ ଆକ୍ରମଣର ଶିକାର ହୋଇ ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସିତ ହେଉଛି। ପୂର୍ବରୁ ରାତିରେ ହାତୀ ପଲ ଗାଁ ଭିତରକୁ ପଶି କ୍ଷୟକ୍ଷତି ଘଟାଉଥିବା ବେଳେ ଏବେ ଦିନ ବେଳେ ମଧ୍ୟ ଆକ୍ରମଣ କରିବାକୁ ପଛଉନାହାଁନ୍ତି। ସୂଚନା ଅନୁସାରେ ମଙ୍ଗଳପୁର ମୁଣ୍ଡା ସାହିର ୩୧ ବର୍ଷିୟ ଯୁବକ ବଇସାଖୁ ମୁଣ୍ଡା ଶୌଚ ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଫଳରେ ତାଙ୍କ ଅଣ୍ଟାରେ ଆଘାତ ଲାଗିଥିବାରୁ ତୁରନ୍ତ ତାଙ୍କୁ ୧୦୮ ଗାଡି ଯୋଗେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଘଟଣାସ୍ଥଳରେ ରେଞ୍ଜର ଅକ୍ଷୟ ଛତ୍ରିୟା, ବନପାଳ ନଗେନ୍ଦ୍ର ଜେନା ପ୍ରମୁଖ ପହଞ୍ଚିଥିବା ଜଣାଯାଇଛି।

## ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ହାଟଡ଼ିହି,୨୫।୧(ସମିସ):** ନନ୍ଦିପଦା ଥାନା ଅଧୀନ ଗୁହାଳଗଡ଼ିଆ ନିକଟରେ ବିରିଡି ଗ୍ରାମର ଟଭା ଯେନା ନାମକ ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ବୃଦ୍ଧା ଜଣକ ନିଜ ଝିଅଘର ହାଟଡ଼ିହି ଗ୍ରାମକୁ ଆସୁଥିବା ବେଳେ ଗୁହାଳଗଡିଆ ନିକଟରେ ପଡି ପ୍ରାଣ ହରାଇଥିଲେ। ତେବେ ବୃଦ୍ଧା ଜଣକ କାହିଁକି ଏବଂ କିପରି ପ୍ରାଣ ହରାଇଲେ ତାହା ସ୍ପଷ୍ଟ ଜଣାପଡିନି।

## ଚୋରି ବାଇକ୍ ଉଦ୍ଧାର

**ସୋସୋ, ୨୫।୧(ସମିସ):** ନନ୍ଦିପଦା ଥାନା ଶାସଙ୍ଗ ଗ୍ରାମରୁ ଚୋରି ହୋଇଥିବା ବାଇକ୍କୁ ଭଦ୍ରକ ଜିଲା ସାବରଙ୍ଗ ଥାନା ପୁଲିସ ଉଦ୍ଧାର କରିଛି। ସାବରଙ୍ଗ ପୁଲିସ ଏକ ବାଇକ ଲୁଟେରା ଗ୍ୟାଙ୍ଗକୁ ଠାବ କରିବା ପରେ ସେମାନଙ୍କ ନିକଟରୁ ଚୋରି ବାଇକକୁ ଉଦ୍ଧାର କରାଯାଇଛି। ନନ୍ଦିପଦା ପୁଲିସ ସାବରଙ୍ଗ ଥାନାକୁ ଯାଇ ବାଇକ ଆଣି ମାଲିକକୁ ହସ୍ତାନ୍ତର କରିଛି। ସୁଚନାଯୋଗ୍ୟ ଗତ ୧୦ ତାରିଖ ରାତିରେ ସାସଙ୍ଗ ଗ୍ରାମର ହରିହର ଦାସଙ୍କ ଦୋକାନ ଘର ତାଲା ଭାଙ୍ଗି ଦୁର୍ବୃତ ମାନେ ୧୧ ହଜାର ଟଙ୍କା ଚୋରି କରିବା ସହ ବାରଣ୍ଡା ରେ ଥିବା ବାଇକକୁ ନେଇ ପଳାଇ ଯାଇଥିଲେ।

## ଶ୍ରୀଝାଡ଼େଶ୍ୱର ମାଳାକାର ସେବାୟତଙ୍କ ପରଲୋକ



**ଆନନ୍ଦପୁର,୨୫।୧(ସମିସ):** ଆନନ୍ଦପୁର ୭ନଂ ୱାର୍ଡ ନିବାସୀ ତଥା ଶ୍ରୀଶ୍ରୀ ଝାଡ଼େଶ୍ୱର ମହେଶଙ୍କ ମାଳାକାର (ମାଳି) ବଲ୍ଲଭ ଚରଣ ରଣାଙ୍କର ୮୪ ବୟସରେ ପରଲୋକ ହୋଇଯାଇଛି। ସେ ଗତ କିଛି ଦିନ ହେବ ବାର୍ଦ୍ଧକ୍ୟଜନୀତ ଅସୁସ୍ଥତା ଥାଇ ଘରୋଇ ଭାବେ ଚିକିତ୍ସିତ ହେଉଥିଲେ। ଆଜି ସକାଳ ୮ଘଟିକା ସମୟରେ ସେ ନିଜର ନିତ୍ୟକର୍ମ କରୁଥିବା ବେଳେ ଟଳିପଡିଥିଲେ। ପରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗନ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ପ୍ରାୟ ୫୦ ବର୍ଷ ଧରି ଶ୍ରୀଶ୍ରୀ ଝାଡ଼େଶ୍ୱର ମହେଶଙ୍କ ପୀଠରେ ମାଳାକାର ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ବଂଶାନୁକ୍ରମରେ ତାଙ୍କ ପୁଅ ମାନେ ଏବେବି କାର୍ଯ୍ୟ କରୁଥିବା ଜଣାଯାଇଛି। ତାଙ୍କ ବିୟୋଗରେ ଆନନ୍ଦପୁର ସମେତ ଶ୍ରୀ ଝାଡେଶ୍ୱର ପୀଠର ପୂଜକ, ସେବାୟତ, କର୍ମଚାରୀ ଓ ଯଜ୍ଞ କମିଟିର କର୍ମକର୍ତ୍ତାମାନେ ଦୁଃଖ ପ୍ରକାଶ କରିଛନ୍ତି।

## ଡିଜିଟାଲ ଡିସ୍‌ପେନ୍‌ସାରି ଉଦ୍‌ଘାଟିତ

**ଚମ୍ପୁଆ,୨୫।୧(ସମିସ):** ଚମ୍ପୁଆ ବ୍ଲକ ବ୍ରହ୍ମପୁର କରଞ୍ଜିଆ ପଞ୍ଚାୟତ ଅନ୍ତର୍ଗତ କାଟୁଳିକନାଠାରେ ଆଜି ଏକ ଡିଜିଟାଲ ଡିସପେନସାରିର ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସକାଶେ ରାଜ୍ୟ ସରକାରଙ୍କ ଅନୁମୋଦନ ଓ ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ନିର୍ମିତ ଏହି ଔଷଧାଳୟ ନିପଟ ମଫସଲର ରୋଗୀମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ। ଆଜି ଏହି ଚିକିତ୍ସାଳୟକୁ ଉଦ୍‌ଘାଟନ କରିଥିଲେ କରଞ୍ଜିଆ ପଞ୍ଚାୟତର ସରପଞ୍ଚ ସୁପ୍ରିୟା ମୁଣ୍ଡା।




ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ମମତା ମହାନ୍ତ, ସମାଜସେବୀ ଡୋରା ମହାନ୍ତ, ଜେଇ ଅଜୟ ବେହେରା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଫାର୍ମାସିଷ୍ଟ ଭାବେ ସୁନୀତା ମହାନ୍ତ, ଜିଏନଏମ୍ ବିଶିକେସନ ମହାନ୍ତ, ଏଲଟି କଳ୍ପଲତା ବିନ୍ଧାଣି ଏବଂ ସହାୟକ ଷ୍ଟାଫ୍ ଭାବେ ଶୈଳେସ୍ ଚନ୍ଦ୍ର ମହାନ୍ତ ପ୍ରମୁଖ କାର୍ଯ୍ୟରେ ଯୋଗ ଦେଇଥିଲେ।

# ମୁଢ଼ି ମିଲ୍‌ରେ ପଶିଗଲା ଟ୍ରେଲର୍: ୩ ଗୁରୁତର

**ତୁରୁମୁଙ୍ଗା,୨୫।୧(ସମିସ)**

କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ତୁରୁମୁଙ୍ଗା ବଜାରରେ ଗୁରୁବାର ଭୋରରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା। କେନ୍ଦୁଝର ପଟରୁ ଖଡ଼ଗପୁରକୁ ଯାଉଥିବା ଏକ ଲୁହାପଥର ବୋଝେଇ ଟ୍ରେଲର ଭାରସାମ୍ୟ ରାଜପଥ କଡ଼ରେ ଥିବା ମୁଢ଼ି ମିଲ ଭିତରେ ପଶି ଯିବାରୁ ମୁଢ଼ି ମିଲର ମାଲିକ ଗୁରୁତର ହେବା ସହ ତାଙ୍କ ପତ୍ନୀ ଓ ୩ ବର୍ଷର ଶିଶୁ ପୁତ୍ର ଆହତ ହୋଇଛନ୍ତି। ଡ୍ରାଇଭରର ବେପାରୁଆ ଗାଡ଼ି ଚାଳନା ଯୋଗୁଁ ଟ୍ରେଲରଟି ଦୁଇଟି ମେନରୋଡ଼ ସହ ସର୍ଭିସ ରୋଡ଼ ଅତିକ୍ରମ କରି ରାଜପଥ କଡ଼ରେ ଥିବା ଘର ଭିତରେ ପଶି ଯାଇଥିଲା। ଏହି ଦୁର୍ଘଟଣାରେ ଏକ ହୋଟେଲ ସମେତ



୨ଟି ଘର ଭାଙ୍ଗି ଚୁରମାର ହୋଇଯାଇଛି। ଘର ଭିତରେ ଟ୍ରେଲରଟି ପଶିଯିବା ଫଳରେ ଖଟରେ ଶୋଇଥିବା ୩ ବର୍ଷର ଶିଶୁ ପୁତ୍ର ଉପରେ କାନ୍ଥ ଭାଙ୍ଗି ଇଟା ପଡି ଚାପି ହୋଇ ରହିଥିଲେ। ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ସହାୟତାରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ମୁଢି ମିଲ ମାଲିକ ଭୋରରୁ ଉଠି ମୁଢି ଭାଜୁଥିବା ସମୟରେ ଟ୍ରେଲରଟି ହଠାତ ଘର ଭିତରକୁ ପଶିଯିବାରୁ ତତଲା କଡେଇ ସହ ତାଙ୍କ ଉପରେ ଇଟା ଖଣ୍ଡ ପଡି ଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ମୁଢି ମିଲ ମାଲିକ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟ ନେଲୁଙ୍ଗ ଜିଲ୍ଲା ଆଭାମପୁର ଥାନା ଆଭାମପୁର ଗ୍ରାମର ହୁସେନ ଫୋର ମୋବିଲା (୩୪) ଏବଂ ତାଙ୍କ ପତ୍ନୀ ନାରାୟଣ ଫୋର ମାବିଲା(୩୦)ଙ୍କ ସହ ତାଙ୍କର ୩ ବର୍ଷର ଶିଶୁ ପୁତ୍ର। ହୁସେନ ୬ ବର୍ଷ ହେବ ତୁରୁମୁଙ୍ଗା ବଜାରରେ ଶୁଭେନ୍ଦୁ ସାହୁଙ୍କ ଏହି ଘରକୁ ଭଡ଼ା ସୂତ୍ରରେ ନେଇ ମୁଢି ମିଲ ଚଳାଇ ଆସୁଥିଲେ। ଦୁର୍ଘଟଣା ନେଇ ଘର ମାଲିକ ଶୁଭେନ୍ଦୁ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଡ୍ରାଇଭରକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଡ୍ରାଇଭର ହେଲେ ବିହାର ବୈଶାଳୀ ଥାନା ଫାତେପୁର କମାଳି ଗ୍ରାମର ୱାର୍ଡ ନମ୍ବର ୯ର ସଞ୍ଜୟ ରାୟ (୪୨)। ଏନେଇ ତୁରୁମୁଙ୍ଗା ଥାନାରେ ୬୪/୨୪ରେ ଏକ ମାମଲା ରୁଜୁ ହୋଇଛି ଥାନା ଏସ୍‌ଆଇ ତପନ କୁମାର ଦାସ ଘଟଣାର ତଦନ୍ତ କରୁଛନ୍ତି।

## ଗଛ କାଟିବା ସମୟରେ ୨ ଯୁବକ ଗିରଫ

**ଘସିପୁରା,୨୫।୧(ସମିସ):** ଆନନ୍ଦପୁର ବନଖଣ୍ଡ ଅଧୀନ ପଟିଲୋ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବାଧରେ ପଶି ମୂଲ୍ୟବାନ ଆକାଶିଆ ଗଛ କାଟିବା ଅଭିଯୋଗରେ ଆଜି ଦୁଇ ଜଣ ଯୁବକଙ୍କୁ କାବୁ କରିବା ସହ ସେମାନଙ୍କ ଠାରୁ ୪ ଟି ଆକାଶିଆ ବଲ୍ଲା ଜବଦ କରିଛନ୍ତି ବନ କର୍ମଚାରୀ। ଅଭିଯୁକ୍ତ ଦୁଇ ଯୁବକ ସ୍ଥାନୀୟ ଦାନ୍ତିଆ ଗ୍ରାମର ସନ୍ତୋଷ ମଲ୍ଲିକ (୩୩) ଏବଂ ବଣି ମଲ୍ଲିକ (୨୧) ବୋଲି ଜଣାପଡିଛି। ଉଭୟଙ୍କୁ ପଚାରାଉଚରା କରିବା ପରେ ବନବିଭାଗ ଫରେଷ୍ଟ ଆକ୍ଟରେ ମାମଲା ରୁଜୁ କରି ଘସିପୁରା ଗ୍ରାମ୍ୟ ନ୍ୟାୟଧିଶଙ୍କ ଠାରେ ହାଜର କରିଥିଲେ। ସେଠାରେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଆନନ୍ଦପୁର ଉପକାରାଗାରକୁ ପଠାଇ ଦିଆଯାଇଛି। ଏହି ଚଢ଼ଉରେ ରାମଚନ୍ଦ୍ରପୁର ବନପାଳ ମଳୟକୁମାର ସାହୁ, ଫରେଷ୍ଟଗାର୍ଡ ଜ୍ୟୋସ୍ନାମୟୀ ଜେନା, ସାଗରିକା ମୁର୍ମୁ, ଜଙ୍ଗଲ ସୁରକ୍ଷାକର୍ମୀ ମନୋରଞ୍ଜନ ସାହୁ, କୃପାସିଂନ୍ଧୁ ପେରେଇ, ମଙ୍ଗଳ ହୋ ପ୍ରମୁଖ ସାମିଲଥିଲେ।

## ଅଗ୍ନି ନିବାରଣ ପାଇଁ ବନ ବିଭାଗ ପକ୍ଷରୁ ସଚେତନତା



**ହାଟଡିହି/ସୋସୋ, ୨୫।୧(ସମିସ):** ହଦଗଡ ବନାଞ୍ଚଳ ଅଧୀନସ୍ଥ ସେହିପରି କାଠକଟା ସେକ୍ସନର କଣ୍ଟିପାଳ ଓ ପଥରଗଦାରେ ବନ ସୁରକ୍ଷା ସମିତିର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଠକଟା ସେକ୍ସନର ଫରେଷ୍ଟ ଅଫିସର ଡମ୍ବୁରୁଧର ମହାନ୍ତ, ବିଟ୍ ଫରେଷ୍ଟ ଅଫିସର ରଶ୍ମି ରଞ୍ଜନ ରାଉତ, ଓଏଫ୍‌ଏସ୍‌ଡିଏସ୍ ଓଏମ୍‌ଡିସି ଦଳର ନେତା ବିଜୟ କୁମାର ସା, ଡି.ଓ ବିବେକାନନ୍ଦ ପଣ୍ଡା ଯୋଗଦାନ କରିଥିଲେ। ଫରେଷ୍ଟର ଡମ୍ବୁରୁଧର ମହାନ୍ତ ବନସୁରକ୍ଷା ସମିତିର ସଭ୍ୟ ସଭ୍ୟାମାନଙ୍କୁ ଜଙ୍ଗଲର ଅବଦାନ ବିଷୟରେ ବୁଝାଇଥିଲେ। ସେହିପରି ପଥରଗଦା ବନ ସୁରକ୍ଷା ସମିତି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସମୟରେ ହଦଗଡ ବନାଞ୍ଚଳ ଅଧିକାରୀ ମାର୍ସଲ୍ କିସ୍କୁ, ହଦଗଡ ବନପାଳ କେଦାର ପାତ୍ର, ଫରେଷ୍ଟଗାଡ ଅମରେନ୍ଦ୍ର ନାଥ, ବିଜୟ କୁମାର ସା, ବିବେକାନନ୍ଦ ପଣ୍ଡା, ବନ ସୁରକ୍ଷା ସମିତିର ସଭାନେତ୍ରୀ ଦ୍ରୌପଦି ମଡେଇ ପ୍ରମୁଖ ଉପସ୍ଥିତ ରହିଥିଲେ।

## ମା' ମଙ୍ଗଳା-କୁଣ୍ଡୁଳେଇଙ୍କ ବାର୍ଷିକ ଉତ୍ସବ

**ହାଟଡ଼ିହି,୨୫।୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ୍ ଆବୁଲପୁରା ଗ୍ରାମରେ ଦୀର୍ଘବର୍ଷ ଧରି ପୂଜା ପାଇଆସୁଥିବା ଗ୍ରାମଦେବୀ ମା'ମଙ୍ଗଳା ଓ କୁଣ୍ଡୁଳେଇଙ୍କ ବାର୍ଷିକ ଉତ୍ସବଟି ପାଳିତ ହୋଇଛି। ବୈତରଣୀ ନଦୀରୁ ଜଳଭରା କଳସ ଆଣି ପୂଜାସ୍ଥାନରେ ସ୍ଥାପନ କରାଯାଇଥିଲା। ପବିତ୍ର ବୈତରଣୀ ଜଳରେ ମା'ଙ୍କ ମାଜଣା ପରେ ପୂଜାସ୍ଥାନରେ ଯଜ୍ଞପାଠ କାର୍ଯ୍ୟ ଯଥା ରୀତିନୀତିରେ ଆରମ୍ଭ ହୋଇଥିଲା। ସଂକଳ୍ପ କାର୍ଯ୍ୟରେ ଗ୍ରାମର ଅଭିମନ୍ୟୁ ଦାସ, ମହେଶ୍ୱର ରାଉତ ପ୍ରମୁଖ ସାମିଲ ହୋଇଥିଲା ବେଳେ ପଣ୍ଡିତ ନରେନ୍ଦ୍ର ପଣ୍ଡା ଓ ଶୁକୁଟା ପଣ୍ଡାଙ୍କ ଦ୍ୱାରା ବେଦମନ୍ତ୍ର ପାଠ ହୋଇଥିଲା। ଠାକୁରାଣୀଙ୍କ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମଟି ଗ୍ରାମର ବରିଷ୍ଠ ଓ ଯୁବଗୋଷ୍ଠୀଙ୍କ ଉଦ୍ୟମରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିଲା ବେଳେ ଚଳିତବର୍ଷ ଯୁବଗୋଷ୍ଠୀଙ୍କ ଉଦ୍ୟମରେ ଗ୍ରାମ ସହ ଆଖପାଖ ଅଞ୍ଚଳବାସୀଙ୍କ ମନୋରଞ୍ଜନ ପାଇଁ ମଧୁବାସନ୍ତୀ ଗଣନାଟ୍ୟଯାତ୍ରା ପରିବେଷଣ କରୁଛି।

## ଟିପିଏନ୍‌ଓଡିଏଲ ପକ୍ଷରୁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

**ଆନନ୍ଦପୁର,୨୫।୧(ସମିସ):** ଆନନ୍ଦପୁର ବିଦ୍ୟୁତ ବିଭାଜନ ଓ ଟିପିଏନଓଡିଏଲ କର୍ମଚାରୀମାନଙ୍କ ପକ୍ଷରୁ ଆଜି ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ ବିଭାଗ କାର୍ଯ୍ୟ ନିର୍ବାହୀଯନ୍ତ୍ରୀ



ମାନସ ରଞ୍ଜନ ମିସ୍ତ୍ରିଙ୍କ ତତ୍ତ୍ୱାବଧାନରେ ଟିପିଏନଓଡିଏଲର ସମସ୍ତ ପଦାଧିକାରୀ ଯନ୍ତ୍ରୀ ଓ କର୍ମଚାରୀମାନେ ହାତରେ ଫ୍ଲାଗ କାର୍ଡ ଧରି ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସଡ଼କ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିଥିଲେ। ପରେ ଘସିପୁରା ଥାନା ନିକଟରେ ରାସ୍ତାରେ ଯାଉଥିବା ଦୁଇ ଚକିଆ ବାଇକ ଆରୋହୀଙ୍କୁ ଅଟକାଇ ସର୍ବନିମ୍ନ ଗତିରେ ଗାଡି ଚଳାଇବା, ସର୍ବଦା ହେଲମେଟ୍ ବ୍ୟବହାର କରିବା ଓ ଅନ୍ୟଜଣଙ୍କୁ ଡାହାଣ ପାଶ୍ୱର୍ରେ ଅତିକ୍ରମ କରିବା ଭଳି ଶିକ୍ଷଣୀୟ ବାର୍ତ୍ତା ଦେବା ସହିତ ପ୍ରତ୍ୟେକ ବାଇକ ଆରୋହୀଙ୍କୁ ଚକୋଲେଟ ଉପହାର ଦେଇ ସଡକ ସୁରକ୍ଷା, ଜୀବନ ରକ୍ଷାର ବାର୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିପିଏନଓଡିଏଲର ସୁରକ୍ଷା ଅଧିକାରୀ ସୌମ୍ୟରଞ୍ଜନ ସାହୁ, ପ୍ରଶାସନିକ ଅଧିକାରୀ ଅର୍ଚ୍ଚନା ଦାସ, ଅର୍ଥ ବିଭାଗ ଅଧିକାରୀ ବିରଞ୍ଚି ନାରାୟଣ ସାହୁ, ଶଶିକାନ୍ତ ସାହୁ, କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ କ୍ଷେତ୍ର କର୍ମଚାରୀମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

## ଡଅଁର ଛକ ରାସ୍ତା କାଦୁଅରେ ସାଲୁବାଲୁ

**ସୋସୋ, ୨୫।୧(ସମିସ):** ହାଟଡିହି ବ୍ଲକର ଡଅଁର ଛକ ରାସ୍ତାଟି କାଦୁଅ ସାଲୁବାଲୁ ହୋଇଛି। ଦୈନିକ ବାଲି ଗାଡି ଯିବା ସହିତ ରାସ୍ତା ମରାମତି ହେଉନାହିଁ। ତା'ଛଡା ମେଗା ପ୍ରକଳ୍ପ ପାଇପ ପାଣି ଯୋଗାଣ ସେହି ଛକର ଦୁଃଖ ବଢାଇଥିବାବେଳେ ବ୍ଲକ ବିଭିନ୍ନ ସ୍ଥାନରେ ପାଣି ଲିକ୍ ହୋଇ ରାସ୍ତା ନଷ୍ଟ କରୁଛି। ଅନ୍ୟ ପକ୍ଷରେ ଉକ୍ତ ରାସ୍ତାଟି ଡଅଁର, ଶାଳଣିଆ, ହାବଳେଶ୍ୱର, ଗେଡମା ଆଦି ପଞ୍ଚାୟତ ଲୋକମାନଙ୍କର ଯାତାୟାତ ରାସ୍ତା ହୋଇଥିବାବେଳେ ଯାଜପୁରକୁ ଯିବା ପାଇଁ ରାସ୍ତାଟିର ସଂଯୋଗ ରହିଛି।



ଯାହାକି ସହ ସହ ଲୋକ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବାବେଳେ ଡଅଁରୁ ଗେଡମା ରାସ୍ତାଟି ଖାଲ ଖମାରେ ପରିପୁର୍ଣ୍ଣ ହୋଇଛି। ବାଲି ପରିବହନରେ ସରକାରଙ୍କର ଆଙ୍କୁଶ ଥିଲେ ବି ବାଲି ମାଫିଆ ଚୋରା ଚାଲଣା କରି ମେସିନ ମାଧ୍ୟମରେ ବୋଝେଇ କରି ଦୈନିକ ରାସ୍ତାରେ ସହ ସହ ଟ୍ରିପ୍ ଯାତାୟତ କରୁଥିଲେ ମଧ୍ୟ ବିଭାଗ ପ୍ରଶାସନ ଏବଂ ପୁଲିସ ଏଥିପ୍ରତି ଧ୍ୟାନ ଦେଉନାହିଁ। ଏଥିପ୍ରତି ରାଜନୈତିକ ଦଳର ନେତା ଓ ପ୍ରଶାସନ ଦୃଷ୍ଟି ଦେଇ ରାସ୍ତାଟିକୁ ଉନ୍ନତମାନର ମରାମତି ଓ ଉନ୍ନତ ମାନର ରାସ୍ତା ନିର୍ମାଣ କରିବାକୁ ଦାବି ହୋଇଛି।

## ଡିହସାହିରେ ନୀଳମାଧବଙ୍କ କଳସ ଶୋଭାଯାତ୍ରା



**ବେଲବାହାଲି,୨୫।୧(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ପଞ୍ଚାୟତ ଡିହସାହିରେ ଭଗବାନ ନୀଳମାଧବ ମେଢ଼ ପୂଜା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜିଠାରୁ ୫ ଦିନ ପର୍ଯ୍ୟନ୍ତ ଗ୍ରାମର ପ୍ରତ୍ୟେକ ବ୍ୟକ୍ତି କୌଣସି କାମ ଧନ୍ଦାକୁ ନଯାଇ ପରସ୍ପର ମଧ୍ୟରେ ଏକ ଭାଇଚାରା ରଖି ନୀଳମାଧବଙ୍କୁ ପୂଜାର୍ଚ୍ଚନା କରିବେ। ଆଜି କଳସ ଶୋଭାଯାତ୍ରାରେ ପୂଜକ ମହେଶ୍ୱର ପାଢ଼ୀ ସମ୍ପୂର୍ଣ୍ଣ ରୀତିନୀତିରେ ପୂଜାର୍ଚ୍ଚନା କରିଥିବା ବେଳେ ମୁଖ୍ୟ ସଂକଳ୍ପରେ କମିଟିର ବରିଷ୍ଠ ସଦସ୍ୟ ଦିବାକର ଦେହୁରୀ ବସିଥିବା ବେଳେ ମୋଟ୍ ୯ ଜଣ କଳସ ବୁଡାଇଥିଲେ। କାର୍ଯ୍ୟକ୍ରମକୁ କମିଟିର ସଭାପତି ବିଷ୍ଣୁ ପ୍ରସାଦ ଦେହୁରୀ, ସମ୍ପାଦକ ବରୁଣ ଖଟୁଆ ସଦସ୍ୟ ପ୍ରଶାନ୍ତ ଦେହୁରୀ, କୈଳାସ ଦେହୁରୀ, ରମେଶ ଦେହୁରୀ, କାର୍ତ୍ତିକ ଦେହୁରୀ, ଆଲୋକ ଦେହୁରୀ ଏବଂ ଗ୍ରାମବାସୀମାନେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି।

## ସାମୂହିକ ସଫେଇ କାର୍ଯ୍ୟକ୍ରମ

**ବାଲିବନ୍ଧ, ୨୫।୧ (ସମିସ):** ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଗୁରୁବାର ସାମୁହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୯ ଘଟିକା ସମୟରେ ସମସ୍ତେ ଝୁମ୍ପୁରା ବ୍ଲକ ଛକ ଠାରେ ଏକତ୍ରିତ ହୋଇଥିଲେ। ଏହାପରେ ଝୁମ୍ପୁରା ବ୍ଲକ ଛକ, ବ୍ଲକରୋଡ, ସରକାରୀ ଉଚ୍ଚ ବିଦ୍ୟାଳୟ, ମକ୍ତବ ବିଦ୍ୟାଳୟ, ଝୁମ୍ପୁରା ମେଡିକାଲ , ତହସିଲ ଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଦେଇ ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ସଫେଇ କରାଯାଇଥିଲା। ସାମୂହିକ ସଫେଇ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସ୍ୱଚ୍ଛତା ହିଁ ସେବା, ଆର୍ବଜନା ମୁକ୍ତ ଭାରତ ଗଠନ, ଖୋଲାସ୍ଥାନରେ ମଳତ୍ୟାଗ ନକରିବା, ଜନଗହଳିପୂର୍ଣ୍ଣ ସ୍ଥାନ ଅଳିଆ ଆର୍ବଜନା ମୁକ୍ତ ରଖିବା ଆଦି ଜନସାଧାରଣଙ୍କୁ ସଚେତନ କରାଇବା। ଆୟୋଜିତ ସାମୁହିକ ସଫେଇ କାର୍ଯ୍ୟକ୍ରମରେ ଝୁମ୍ପୁରା ସରପଞ୍ଚ ରେବତୀ ବିରୁଆ, ସମିତି ସଭ୍ୟ କୁଞ୍ଜବିହାରୀ ନାଏକ, ନାଏବ ସରପଞ୍ଚ ଶିବାନୀ ବେହେରାଙ୍କ ସମେତ ପଞ୍ଚାୟତ କର୍ମଚାରୀ, ପୁଲିସ



ପ୍ରଶାସନ, ବ୍ଲକ ପ୍ରଶାସନ, ବିଭିନ୍ନ ଯୁବକ ସଂଘ ସଦସ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀ ର ସଦସ୍ୟାମାନେ ସାମୁହିକ ଭାବେ ଉପସ୍ଥିତ ରହିଥିଲେ। ଝୁମ୍ପୁରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଏବଂ ଭାରପ୍ରାପ୍ତ ପଚାଂୟତ ସମ୍ପ୍ରସାରଣ ଅଧିକାରୀ ଶୁଭାଶିଷ୍ କରଙ୍କ ତତ୍ତ୍ୱାବଧାନରେ ସାମୁହିକ ସଫେଇ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ସାବାଳକ ସଚେତନ ହେଲେ ସାମ୍ବିଧାନିକ ବିଧିବ୍ୟବସ୍ଥା ଶକ୍ତ ହେବ

**କେନ୍ଦୁଝର,୨୫।୧(ସମିସ)**





କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ଏବଂ କେନ୍ଦୁଝର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଙ୍କ ମିଳିତ ଆନୁକୂଲ୍ୟରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଦରବାର ହଲ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଆଶିଷ ଠାକରେ ଉଦ୍‌ବୋଧନ ଦେଇ ମତଦାନ ଅଧିକାର ଏକ ସାମ୍ବିଧାନିକ ଅଧିକାର ହୋଇଥିବାରୁ ପ୍ରତ୍ୟେକ ନାଗରିକ ମତଦାନ ଅଧିକାର ସାବ୍ୟସ୍ତ କଲେ ଗଣତନ୍ତ୍ର ସୁଦୃଢ ହୋଇପାରିବ ବୋଲି କହିଥିଲେ। ନବ ମତଦାତାମାନଙ୍କୁ ଶୁଭେଚ୍ଛା ଜଣାଇ ମତଦାନ ବୃଦ୍ଧି ଦିଗରେ ସେମାନେ ଭୂମିକା ନିଭାଇବାକୁ ଆହ୍ୱାନ ଜଣାଇଥିଲେ। ଉକ୍ତ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଡେପୁଟି କଲେକ୍ଟର ନିର୍ବାଚନ ବିକାଶ ଚନ୍ଦ୍ର ସାହୁ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡା.ମଧୁସ୍ମିତା ସାମନ୍ତରାୟ, ଡେପୁଟି କଲେକ୍ଟର (ରାଜସ୍ୱ) ମହମ୍ମଦ ଫିରୋଜ୍ ଖାନ୍, ଅତିରିକ୍ତ ଉପଜିଲ୍ଲାପାଳ ପୁନମ୍ ବେଗ୍, ବିଡିଓ ବଂଶପାଳ ବିକ୍ରାଣି କିସ୍‌ପଟା ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଓ ବକ୍ତାମାନେ ନିଜ ବକ୍ତବ୍ୟରେ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ନିର୍ବାଚନ କମିଶନରଙ୍କ ଏପରି ପ୍ରୟାସକୁ ପ୍ରଶଂସା କରିଥିଲେ। ଗୁଣାତ୍ମକ ମତଦାନ ଉପରେ ଗୁରୁତ୍ୱାରୋପ କରି ଏ ଦିଗରେ ସମସ୍ତ ସାବାଳକ ସଚେତନ ହେଲେ ସାମ୍ବିଧାନିକ ବିଧିବ୍ୟବସ୍ଥା ଶକ୍ତ ହେବା ସଂଗେ ସଂଗେ ଭାରତୀୟ ଗଣତନ୍ତ୍ର ଅଧିକ ଲୋକାଭିମୁଖୀ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଭୋଟର ସଂଶୋଧନ ପ୍ରକ୍ରିୟାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଶ୍ରେଷ୍ଠ ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ୍ ଅଫିସର ଭାବେ କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ଏବଂ ଶ୍ରେଷ୍ଠ ଅତିରିକ୍ତ ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ୍ ଅଫିସର ଭାବେ ବିଡିଓ ବଂଶପାଳ ବିକ୍ରାଣି କିସ୍‌ପଟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅଧିକାରୀ ଓ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦ୍‌ବ୍ୟତୀତ ଜାତୀୟ ମତଦାତା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ନବ ଭୋଟର ମାନଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ଏଷ୍ଟାବ୍ଲିସମେଂଟ୍ ଅଫିସର ସରୋଜ କୁମାର ସାହୁ, ବରିଷ୍ଠ ରାଜସ୍ୱ ସହାୟକ ପାର୍ଥସାରଥି ନାୟକ ଓ ପ୍ରଭାତେନ୍ଦୁ ନାଏକ (ଚନ୍ଦନ), କନିଷ୍ଠ ରାଜସ୍ୱ ସହାୟକ ମୁକ୍ତିକାନ୍ତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

**ଆନନ୍ଦପୁର:** ୧୪ତମ ମତଦାତା ଦିବସ ଉପଲକ୍ଷେ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ୮ଘଟିକା ସମୟରେ ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟ ପରିସରରୁ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଆଞ୍ଚଳିକ ଯୁବଗୋଷ୍ଠୀ ଓ




ଗଣମାଧ୍ୟମମ ପ୍ରତିନିଧିମାନେ ଏକ ସଚେତନତା ପଦଯାତ୍ରା ଆନନ୍ଦପୁର ସହରର ବିଭିନ୍ନ ସାହିବସ୍ତି ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହନଚିଥିଲା। ପରେ ଆୟୋଜିତ ଆଲୋଚନାଚକ୍ରରେ ଉପଜିଲାପାଳ ଚିତରଂଜନ ମହାନ୍ତ ଅଧ୍ୟକ୍ଷତା କରିଥିଲେ। ଆନନ୍ଦପୁର ତହସିଲଦାର ସଂଗ୍ରାମ କେଶରୀ ଭଳ, ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା, ସହକାରୀ ଜିଲାପାଳ ବନଜା ପାତ୍ର, ଅଭିସ୍ପା ମହାନ୍ତି, ସ୍ୱଳ୍ପ ସଞ୍ଚୟ ଅଧିକାରୀ ଲୋପାମୁଦ୍ରା ପଣ୍ଡା ଯୋଗ ଦେଇ ନୂତନ ଭାବେ ଭୋଟର ତାଲିକାରେ ଯୋଡି ହୋଇଥିବା ସମସ୍ତ ନବାଗତ ଭୋଟର ମତଦାନ କରିବାକୁ ନିଜ ନିଜ ଅଞ୍ଚଳରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ପ୍ରଦୀପ କୁମାର ଦାସ, ଗୌରାଙ୍ଗ ଜେନା, ଶୁଭେନ୍ଦୁ ସାହୁ, ପ୍ରଶନ କୁମାର ରାମ, ପ୍ରଧାନ ଶିକ୍ଷକ ରଞ୍ଜନ ଘଡେଇ, ଶିକ୍ଷକ ଚିତ୍ତରଞ୍ଜନ ଘଡେଇ ପ୍ରମୁଖ ସହଯୋଗ କରିଥିଲେ।

**ଚମ୍ପୁଆ:** ଉପଜିଲାପାଳଙ୍କ ସଭା ଗୃହଠାରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଉପଖଣ୍ଡସ୍ତରିୟ ପାଳିତ ଏହି ଦିବସରେ ଉପଜିଲ୍ଲାପାଳ ସୁକାନ୍ତ କୁମାର ମାଝୀ ସଭାପତିତ୍ୱ କରିଥିବା ବେଳେ ସହକାରୀ ଜିଲ୍ଲାପାଳ ଫରଲାଇ ବେସ୍ରା, ସହକାରୀ ଜିଲ୍ଲାପାଳ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଏଡିଡବ୍ଲୁଓ ଅକ୍ଷୟ କୁମାର ପିଙ୍ଗୁଆ, ଡବ୍ଲୁଇଓ ପୁଜାରାଣୀ ପୃଷ୍ଟି ପ୍ରମୁଖ ଯୋଗ ଦେଇ ଜାତୀୟ ଭୋଟର ଦିବସ ପାଳନର ଲକ୍ଷ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ଯୁବ ଭୋଟର ମାନଙ୍କୁ ମତଦାନ କ୍ଷେତ୍ରରେ ଆଗ୍ରାଧିକାର ପ୍ରଦାନ କରିବା, ଅଧିକାରୁ ଅଧିକ ମତଦାନ ଉପରେ ଗୁରୁତ୍ୱାରୋପ କରାଯିବା ବିଶ୍ୱର ସର୍ବଗୃହତ ଗଣତନ୍ତ୍ର ରାଷ୍ଟ୍ର ଭାରତର ନିର୍ବାଚନକୁ ସ୍ୱଚ୍ଛ ଓ ସରଳିକରଣ କରିବା ଉପରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ମତ ପ୍ରଦାନ କରିଥିଲେ। ମୁକ୍ତ ନିରପେକ୍ଷ, ସୁଗମ, ସର୍ବସମେତ, ସ୍ୱଚ୍ଛ ଏବଂ ନୈତିକତାର ସହ ଭୋଟ ଦେବା ପାଇଁ ଭୋଟରଙ୍କୁ ଉପଜିଲ୍ଲାପାଳ ଆହ୍ୱାନ ଦେବା ସହିତ ନିଜର ଅମୁଲ୍ୟ ଭୋଟକୁ ମତଦାନ ମାଧ୍ୟମରେ ସାବ୍ୟସ୍ତ କରି ନିଜ ପ୍ରାର୍ଥୀଙ୍କୁ ବୁଦ୍ଧିମତାର ସହ ଚୟନ କରିବାକୁ ଉପଦେଶ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଜନସାଧାରଣ, ଅତିଥି ଅଧିକାରୀ ଏବଂ ସ୍ଥାନିୟ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ମହିଳା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ରହି ଗଣତନ୍ତ୍ର ଉପରେ ପୂର୍ଣ୍ଣ ଆସ୍ଥାପ୍ରକଟ କରିବା, ଶାନ୍ତିପୂର୍ଣ୍ଣ ଅବାଦ ନିର୍ବାଚନ ଗାରିମାକୁ ଅକ୍ଷୁର୍ଣ୍ଣ ରଖିବା ଓ ଜାତି ,ଧର୍ମ, ବର୍ଣ୍ଣ, ଗୋଷ୍ଠି ଓ ଭାଷା ନିର୍ବିଶେଷରେ କୌଣସି ପ୍ରଲଭନରେ ପ୍ରଭାବିତ ନ ହୋଇ ନିଜର ମତ ସାବ୍ୟସ୍ତ କରିବା ନେଇ ଏକ ସଂକଳ୍ପ କରାଯାଇଥିଲା।

